


ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
୫
ଅକ୍ଟୋବର, ୨୦୧୪
ବିଶେଷାଙ୍କ ୨୦୧୪

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

ନବମ ବର୍ଷ, ପଞ୍ଚମ ସଂଖ୍ୟା
ଅକ୍ଟୋବର ୨୦୧୪





# ସମ୍ପାଦକୀୟ




ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦଶହରା ! ପ୍ରତିବର୍ଷ ଆସେ ଏବଂ ଚାଲିଯାଏ ମଧ୍ୟ । କେଇଦିନର ଜାକଜମକ ପୁଣିଥରେ ଦୈନନ୍ଦିନ ଜୀବନର ଦିନଚର୍ଯ୍ୟା । ହେଲେ ବିଗତ ଅନେକ ବର୍ଷର ଦଶହରାପରେ ଗତ ବର୍ଷର ଦଶହରା ଆମ ପାଇଁ ଥିଲା ଏକ ଭୟଙ୍କର ସମୟ । ପରିବେଶ ଆମକୁ ଜଣାଇଥିଲା ସେ କେତେ ଭୟଙ୍କର । ଫାଇଲିନର ପ୍ରଭାବରୁ ବାହାରକୁ ବାହାରିବାକୁ ଆମକୁ ଲାଗିଯାଇଥିଲା ଅନେକ ସପ୍ତାହ । ଅନେକ ସ୍ଥାନରେ ଏହାର ପ୍ରଭାବ ବର୍ତ୍ତମାନ ସୁଦ୍ଧା ଦେଖିବାକୁ ମିଳିବ । ଅନେକ ବସ୍ତି ବର୍ତ୍ତମାନ ସୁଦ୍ଧା ସଠିକ ଭାବରେ ଠିଆ ହୋଇନଥିବେ ବେଳେ ପୁଣିଥରେ ଆମକୁ ଦୋହଲାଇ ଦେବାପାଇଁ ଆସିଛି ହୁଦ୍ ହୁଦ୍ । ବିଗତ ଶତାବ୍ଦୀରେ ପ୍ରାୟ ପ୍ରତିବର୍ଷ ଅକ୍ଟୋବର ମାସରେ କିଛି ନା କିଛି ସାମୁଦ୍ରିକ ଝଡ଼ବାତ୍ୟା ସମୁଦ୍ର ଉପକୂଳ ଅତିକ୍ରମ କରି ଭାରତୀୟ ଉପଦ୍ୱୀପରେ ଅନେକ କ୍ଷୟକ୍ଷତି କରିଥିବା ବେଳେ ୧୯୯୯ ମସିହାରେ ମହାବାତ୍ୟା ଏବଂ ବିଗତ ବର୍ଷର ଫାଇଲିନ କରିଥିବା କ୍ଷୟକ୍ଷତି ଉଲ୍ଲେଖଯୋଗ୍ୟ ।

ବୈଜ୍ଞାନିକ ଜ୍ଞାନକୌଶଳର ସୁପ୍ରଭାବ ଫଳରେ ଆମେ ସମ୍ଭାବ୍ୟ ବାତ୍ୟାର ଅନେକ ଦିନ ପୂର୍ବରୁ ଏହାର ଅବସ୍ଥିତି ଜାଣିପାରିବା ହେତୁ ଧନଜୀବନ ହାନିରୁ ନିଜକୁ ସୁରକ୍ଷିତ କରିପାରୁଛେ । ଚଳିତ ବର୍ଷ ଦଶହରା ଚାଲିଯାଇଥିଲେ ସୁଦ୍ଧା ସମ୍ଭାବ୍ୟ ବାତ୍ୟା କଥା ମନକୁ ଆସିଲେ ଆପେ ଆପେ ରୋମ ଟାଙ୍କୁରି ଉଠୁଛି । ଆମେ କେବଳ ଭଗବାନଙ୍କ ପାଖରେ ପ୍ରାର୍ଥନା କରିପାରିବା ଯେ ଆମକୁ ସେ ଯେପରି ସୁରକ୍ଷିତ ରଖନ୍ତି । ସମସ୍ତେ ସକୁଶଳ ରହନ୍ତୁ ।

ଦୁର୍ଗାପୂଜା ସମୟରେ ଓଡ଼ିଶାର ପତ୍ରିକା ବଜାରରେ ଆଉ ଏକ ସୁନାମୀ ଆସେ, ତାହା ହେଲା ପୂଜା ବିଶେଷାଙ୍କ ପ୍ରକାଶନ । ଚଳିତ ବର୍ଷ ମଧ୍ୟ ଏଥିରେ କୌଣସି ବ୍ୟତିକ୍ରମ ଦେଖାଦେଇନି । ପୁସ୍ତକ ଭଣ୍ଡାର ମାନଙ୍କରେ ସ୍ଥୁଳ ଆକାରର ଅନେକ ଶାରଦୀୟ ବିଶେଷାଙ୍କ ଉପଲବ୍ଧ ରହିଛି । ଏହି ସମୟରେ ଆହ୍ୱାନ ଇ-ପତ୍ରିକାର ଏହି






ସଂସ୍କରଣ ବଦେଶରେ ତଥା ବଚ୍ଛିନ୍ନାଞ୍ଚଳରେ ରହୁଥିବା ଅଗଣିତ ଓଡ଼ିଆ ଭାଇଭଉଣୀଙ୍କୁ ସାହତ୍ୟିକ ମନୋରଞ୍ଜନର ଖୋରାକ୍ ଯୋଗାଇଦେବ ଏଥିରେ ଦ୍ୱମିତ ନାହିଁ ।

ଅନେକ ଦନିରୁ ଆହ୍ୱାନର କୌଣସି ସଂସ୍କରଣ ପ୍ରକାଶିତ ହୋଇନଥିଲା, ଏଥିପାଇଁ ମୁଁ କ୍ଷମାପ୍ରାର୍ଥୀ । ଅବଶ୍ୟ ସାହତ୍ୟି ହେଉଛି ଏକ ପ୍ରୋତ୍ସାହନର ବଷିୟ । ବଗିତ ଆଠବର୍ଷଧରି ପ୍ରକାଶିତ ହୋଇ ଆସୁଥିବା ଏହ ପତ୍ରିକା ବଷିୟରେ ଅଧିକାଂଶ ଓଡ଼ିଆ ଅନଭିଜ୍ଞ । ଏହା ହିଁ ହେଉଛି ଆଶ୍ଚର୍ଯ୍ୟର ବଷିୟ । ଯେଉଁ କେତେଜଣ ଲେଖକ ଲେଖିକା ଏହ ପତ୍ରିକାକୁ ନରିବଚ୍ଛିନ୍ନ ଭାବରେ ଲେଖା ଦେଇ ଆସୁଛନ୍ତି ସେମାନଙ୍କ ସହାୟତାରେ ହିଁ ଏହ ପତ୍ରିକା ପ୍ରକାଶିତ ହୋଇ ଆସୁଛି । ଦନିକୁ ଦନି ଏହାର ପାଠକ ମାନଙ୍କ ସଂଖ୍ୟା ବୃଦ୍ଧିପାଉଛି ସତ ହେଲେ ଏତେ ମାତ୍ରାରେ ହେଉନାହିଁ, ଯାହା ଦ୍ୱାରା ଏହାକୁ ନରିବଚ୍ଛିନ୍ନ ଭାବରେ ପ୍ରକାଶିତ କରିବାପାଇଁ ଆବଶ୍ୟକ ପ୍ରୋତ୍ସାହନ ମିଳପିାରିବ ।

ଓଡ଼ିଶାରେ ସାହତ୍ୟି ପ୍ରତି ସର୍ବସାଧାରଣଙ୍କ ମନରେ ସାମାନ୍ୟ ସ୍ପୃହା ନାହିଁ ବୋଲ କୁହାଯାଇପାରେ । ଅଧିକାଂଶ ଲୋକ ଭାବନ୍ତି ସାହତ୍ୟି କରୁଥିବା ବ୍ୟକ୍ତିମାନେ ଜଣେ ଜଣେ ଅକାଳକୁଷ୍ମାଣ୍ଡ । ଅନ୍ୟ କଛି କାମ ନାହିଁ ବୋଲ ଏମାନେ ସମୟ ନଷ୍ଟ କରିବାପାଇଁ କବତିା ପାଠ କରନ୍ତି କମ୍ୱା ସାହତ୍ୟି ଚର୍ଚ୍ଚା ଆଦରି ଆୟୋଜନ କରନ୍ତି । ଆମେ ଆମର ଦୈନନ୍ଦିନ ଜୀବନରେ ଏମିତି ପାଠୁଆ ଓ ଅପାଠୁଆ ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିପାରିବା ଯେଉଁମାନେ ଯଦ ଜାଣନ୍ତି ଯେ ଆମେ ସାହତ୍ୟିରେ ରୁଚ ରଖିଛୁ ବୋଲ, ସେମାନେ ଆମକୁ ଆଡ଼ ଆଖିରେ ଦେଖିବେ । ବୋଧହୁଏ ଏଥିପାଇଁ ଅନେକ ବ୍ୟକ୍ତି ନଜି ସାହତ୍ୟିାନୁରାଗକୁ ଅବହେଳା କରିରଖନ୍ତି । ବଦେଶରେ ରହୁଥିବା କଛି ବନ୍ଧୁ ନଜି ମାତୃଭାଷା ପ୍ରେମକୁ ଉଦ୍‌ଜୀବତି କରି ରଖିବା ଉଦ୍ଦେଶ୍ୟରେ ଲେଖାଲେଖିକୁ ଜାରୀ ରଖନ୍ତି । ଅବଶ୍ୟ ସମସ୍ତେ ଯେ ଉଚ୍ଚକୋଟୀର ସାହତ୍ୟି ସୃଷ୍ଟି



କରନ୍ତ ତାହା ଆମେ କହପାରବା ନାହିଁ, କନ୍ତ ସେମାନେ ରୁଚ ରଖନ୍ତ ତାହା ଆମ ପାଇଁ, ଆମ ଭଷା ଓ ସାହତ୍ୟପାଇଁ ନଶ୍ଚୟ ଭବରେ ଏକ ଗୌରବର କଥା ।

ସ୍କୁଲ କଲେଜରେ ପଢୁଥିବା ସମୟରେ ଆମ ଶିକ୍ଷକମାନଙ୍କ ପ୍ରରେଚନାରେ ଆମେ ବ ସାହତ୍ୟପ୍ରତ ଆଗ୍ରହ ରଖିଆସୁଥିଲୁ, ହେଲେ ବର୍ତ୍ତମାନ ସମୟରେ ସେହପର ସ୍ପୃହା ଛାତ୍ରଛାତ୍ରୀଙ୍କ ମଧରେ ଦେଖିବା ସମ୍ଭବ ହେଉନାହିଁ । ଜଣେ ବଞ୍ଜ ଶିକ୍ଷକଙ୍କ ମତରେ ଛାତ୍ରଛାତ୍ରୀମାନେ ଯଦ କମ ବୟସରୁ ପ୍ରତଯୋଗୀତା ମନୋଭବ ରଖିବେ ନାହିଁ, ତେବେ ସେମାନେ ଭବଷ୍ୟତରେ ଡାକ୍ତର, ଇଞ୍ଜିନୟର ହେବେ କେମିତ । ବର୍ତ୍ତମାନର ଯୁଗ ପ୍ରତଯୋଗୀତାର ଯୁଗ, ଏହ ସମୟରେ ସାହତ୍ୟ ପାଇଁ ସମୟ କାହିଁ ? ଅବଶ୍ୟ ସତ କଥା । ଆମ ପିଲେ ପାଠ ପଢ଼ିଲେ କେମିତ ଚାକରୀ କରବେ, ବଦେଶଯାଇ ଡଲାର୍ ଆଣିବେ ଆମେ ସେ ବଷୟରେ ଅଧିକ ଚନ୍ତା କରବା ଉଚତ । ସାହତ୍ୟ କଲେ କଣ ଏ ସବୁ ସମ୍ଭବ ହେବ ?

ସେ ଯା ହେଉ, ଆମେ କନ୍ତ ସାହତ୍ୟ ପ୍ରତ ସମର୍ପିତ ଭବରେ ଏହାକୁ ପ୍ରୋତ୍ସାହତ କର ଆସିଛୁ ଏବଂ କରୁଥିବୁ ମଧ । ଆମ ଭଷା ଆମ ସାହତ୍ୟ ଆମର ପ୍ରସିଦ୍ଧ ଉତ୍କଳୀୟ ପରମ୍ପରାର ଅଙ୍ଗ । ଏହାକୁ ସର୍ବଦା ସମ୍ମାନ ଦେବା ଆମର ଲକ୍ଷ୍ୟ । ଏହ ଉଦ୍ଦେଶ୍ୟନେଇ ପୁଣିଥରେ ଆପଣ ମାନଙ୍କୁ ଭେଟି ଦେଉଛ ଆହ୍ୱାନ ଇ-ପତ୍ରକାର ମହାପାର୍ବଣ ବଶେଷାଙ୍କ ।

ଧନ୍ୟବାଦ

**ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ**

ପ୍ରତଷ୍ଠାତା - ସମ୍ପାଦକ

ଆହ୍ୱାନ ଇ-ପତ୍ରକା

ନବମ ବର୍ଷ, ପଞ୍ଚମ ସଂଖ୍ୟା
ଅକ୍ଟୋବର ୨୦୧୪






# ଏଥରର ସଂସ୍କରଣରେ...


| | | | | | |
|---|---|---|---|---|---|
| ପୁନଶ୍ଚ ଦଶହରା | ୭ | | କରେଣ୍ଟ ଇଣ୍ଟର୍‌ନେଟ୍ | ୨୨ |
| *ପ୍ରଶାନ୍ତ କୁମାର ଭୂୟାଁ* | | | *ସ୍ୱରୂପ କୁମାର ମଲ୍ଲ* | |
| ପିତା | ୮ | | ପ୍ରିୟା | ୨୩ |
| *ଶ୍ରୀ ନୃସିଂହ ଚରଣ ନାୟକ* | | | *ଶ୍ରୀସୂର୍ଯ୍ୟକାନ୍ତ ଦାଶ* | |
| ତୃତୀୟ ନୟନ | ୧୦ | | ବ୍ୟାଙ୍ଗକବଙ୍କ ଉପହାର | ୨୪ |
| *ବିଜୟ ପ୍ରଧାନ* | | | *ଡଃ କୁଳାଙ୍ଗାର* | |
| ଦଶଭୁଜା ଏବେ ଶତଭୁଜା ହୁଅ | ୧୨ | | ସମୟ ସହିତ କିଛି ବାଟ | ୨୫ |
| *ତାରା ପ୍ରସାଦ ଜେନା* | | | *ମେଘାସନ ସେନାପତି* | |
| ମାମା | ୧୩ | | ମୋ ପ୍ରେମ କାହାଣୀ | ୩୧ |
| *ସୁଚରିତା ପଟ୍ଟନାୟକ* | | | *ଅନୁପମ ବେହେରା* | |
| ଗୋପନ ମିଳନ | ୧୪ | | ନିଶା | ୩୩ |
| *ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ* | | | *ଗିରୀଶ ଚନ୍ଦ୍ର ପଣ୍ଡା* | |
| ବିଶୁଦ୍ଧ ନିରାମିଷ ଅଣ୍ଡା ତରକାରୀ | ୧୫ | | କେବେ କେବେ | ୩୪ |
| *ଡା ସର୍ବଶ୍ରୀ ନନ୍ଦୀ* | | | *ଅନିଲ୍ କୁମାର ସେଠୀ* | |
| କିଛି ମନର କଥା | ୧୬ | | ନୀଳ ରୁମାଲ | ୩୫ |
| *ପ୍ରଜ୍ଞା ପାରମିତା ପଣ୍ଡା* | | | *ଅରବିନ୍ଦ ଆଚାର୍ଯ୍ୟ* | |
| ତିନୋଟି ଅଣୁଗଳ୍ପ | ୧୭ | | ବୋଉର ଶାଢ଼ୀ | ୩୮ |
| *ଦେବାଶିଷ ସାମଲ* | | | *ଅରବିନ୍ଦ ଦାସ* | |
| ଦଅ | ୨୦ | | ଫ୍ରୀ ସର୍ଭିସ୍ | ୪୪ |
| *ମୌସୁମୀ ଦାସ* | | | *ଅମରେଶ ବିଶ୍ୱାଳ* | |
| ଛୁଞ୍ଚିପତ୍ର ପିଠା | ୨୧ | | ବାତ୍ୟା ସମୟରେ ସାବଧାନତା | ୬୦ |
| *ଋତୁ ପଟ୍ଟନାୟକ ମହାନ୍ତ* | | | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |


# ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ



# ପୁନଶ୍ଚ ଦଶହରା...!!!



ପ୍ରଶାନ୍ତ କୁମାର ଭୂୟାଁ

ଏଇ ସନ ଆଉଥରେ ହେବ
ପୂଜା, ପାର୍ବଣ, ମହୋତ୍ସବ, ମେଢ଼ ଆଉ ବଳି,
ନତେଇର ଘରେ ସାଉ ଘର ଉଧାର ପଇସା
ବିଛୁଣି ଦେଉଥିବ ଚେନାଏ ହସ, ଘଡ଼ିଟେ ପାଇଁ;
ତୋରଣରୁ ସିଂହାସନ ଯାଏଁ ସାଧୁ ଆଉ ସନ୍ଥ,
ପୂଜୁଥିବେ, ମାଗୁଥିବେ, ଲୁଟୁଥିବେ, ଭୂଇଁନେବେ
ଆଶୀଷ ଆଉ ଭେଟ, ଦକ୍ଷିଣା ଆଉ ନୋଟ;
ମାମୁଲୁଟା ଏକ ବାହାନା ଅଭ୍ଵବ ଦୁଆରେ,
ଦଶଦିନ ଦଶରାତି ଦଶଦିଶ ଦଶଭେଷ
ଦୁଲୁକବ, ତୋ ନାଁରେ ତୋ ଠାଆଁରେ;
ସମସ୍ତଙ୍କୁ ଖୁସି ଦେଖି ତୁ ବି କୁରୁଳ ଉଠିବୁ;
ତା'ପରେ ତୋତେ ବିସର୍ଜ୍ଜନ ନାଁରେ ଠେଲିଦେବେ
ସେଇ ବାମ୍ଫିରେ, ତୋ ଅସ୍ଥି ମଜ୍ଜା ଆସ୍ତରଣ ମିଳାଇଯିବ;
ପୁଣି ପରଦିନ ତାଣ୍ଡବ ହେବ ଅନ୍ଧ ଆଉ ନଗ୍ନନ୍ୟାୟ ଦ୍ୱାରେ
ସୁରାସୁର ମଦିରାଳୟରେ ମାତାଲ ହେବେ
ତୋ ଛାୟା ଆଉ କାୟା ଧର୍ଷିତ ହେଉଥିବ ଗଣ ଅଗଣାରେ
ତୋର ପୁନଶ୍ଚ ଗସ୍ତ କାର୍ଯ୍ୟକ୍ରମ ଆଗରୁ, ନିର୍ମଳ ହେବ
ତୋ ରାଜରାସ୍ତା, ତୋ ସିଂହାସନ ସେଇ ନଗରରେ...!!!


ଭାଙ୍କୁଭର୍, ବ୍ରିଟିଶ୍ କଲମ୍ବିଆ, କାନାଡ଼ା,
ଜନ୍ମସ୍ଥାନ - ବଡ଼ଦାଣ୍ଡ, ଜଗନ୍ନାଥ ପ୍ରସାଦ, ଗଞ୍ଜାମ

# ପିତା



ଶ୍ରୀ ନୃସିଂହଚରଣ ନାୟକ

ପିତା ସତ୍ୟ ମାତା ସତ୍ୟ, ସତ୍ୟ ଧରାଧାମ,
ତାଙ୍କ ଆଶିଷୁ ଜନ୍ମଣ କରୁଅଛୁ କର୍ମ ।
ଲାଳନ ପାଳନ କର ଯୋଗ୍ୟ କଲେ ପିତା,
ସେବା ଯତ୍ନକର ମୋତେ ବଢ଼ାଇଲା ମାତା ।୧ ।
ପ୍ରାରବ୍ଧକୁ ନେଇ ଆମେ କରୁଅଛୁ କର୍ମ,
ଧରାଧାମ ଆଶ୍ରାଦେଲା ଦେଖୁଥାଇ ଧର୍ମ ।୨ ।
ତାଙ୍କ ପଦସେବା କର ହେବା ଚର ଧନ୍ୟ,
ପିତାମାତା ପାଦପଦ୍ମ ସରଗ ସମାନ ।୩ ।
ପିତାମାତା (ପଦ) ସେବା ସର୍ବ ଦୁର୍ଗତ ଖଣ୍ଡଇ,
ସର୍ବକାଳେ ତାଙ୍କ ପାଦେ ଜୁହାର କରଇ ।୪ ।
ପିତାମାତା ଆଦ୍ୟ ପୂଜ୍ୟ ଗୁରୁ ଜ୍ଞାନଦାତା,
ପ୍ରାଣୀଙ୍କର ଗତମୁକ୍ତି ଭଗ୍ୟର ବଧାତା ।୫ ।
ପିତା ସ୍ୱର୍ଗ ପିତା ଧର୍ମ ପିତାହିଁ ପରମ ତପଃ,
ପିତୃ ତୁଷ୍ଟେ ଦେବ ତୁଷ୍ଟ ଖଣ୍ଡନ୍ତ ସର୍ବ ସନ୍ତାପ ।୬ ।
ପିତାମାତା ଗୁରୁପଦେ କରଣ ଜୁହାର,
ସର୍ବ ଶୁଭକର୍ମ ପାଇଁ ହେବ ଆଗୁସାର ।୭ ।
ପୂର୍ବାର୍ଜିତ କର୍ମ ନେଇ କରୁଥାଉ କର୍ମ,
ପିତାମାତା ସର୍ବାଶିଷୁ ପାଳୁ ନଜ ଧର୍ମ ।୮ ।
ସାଧୁସନ୍ଥ, ସଦ୍‌ଗ୍ରନ୍ଥ ଦବ୍ୟଜ୍ଞାନ ପାଉ
କର୍ତ୍ତବ୍ୟ କରଣ ଆମେ ଜୀବନ ନର୍ବାହୁ ।୯ ।
ତ୍ରଭୂବନେ ଅଗ୍ରପୂଜ୍ୟ ନଜ ପିତାମାତା,
ପ୍ରାଣୀଙ୍କର ଜନ୍ମକର୍ତ୍ତା ସର୍ବ ସିଦ୍ଧିଦାତା ।୧୦ ।
ପ୍ରକୃତ ରୂପିଣୀ ମାତା ପିତା ଯେ ଈଶ୍ୱର,
ତାଙ୍କୁ ନତ ପୂଜବାକୁ ହେବ ହେ ତତ୍ପର ।୧୧ ।





ପ୍ରାରବ୍ଧ ଅଟଇ ସଦା ମହା ବଳବାନ,

ତାଙ୍କୁ ଲଙ୍ଘିବାକୁ କେହ ନୁହନ୍ତ ଭାଜନ ।୧୨ ।

ପିତାମାତା ପଦରଜ ନତ ଶିରେ ମାର,

ସର୍ବ ଶୁଭ କର୍ମ ପାଇଁ ଯିବ ମୁଁ ବାହାର ।୧୩ ।

ଏହ ସଦବୁଦ୍ଧି ମୋତେ ଦଅ ବଶ୍ୱପିତା,

ପିତାମାତା (ପଦ) ସେବ ହେବ ଜଗତ୍‌ଜତା ।୧୪ ।

ପିତାମାତା ମନେ କେବେ ଦେବନାହିଁ ଦୁଃଖ,

ତାଙ୍କ ଆଜ୍ଞା ପାଳନରେ ନ ହେବ ବମୁଖ ।୧୫ ।

ଜୀବନ୍ତ ଈଶ୍ୱର ଦୁହେଁ ସର୍ବସୁଖର ଭଣ୍ଡାର,

ତାଙ୍କ (ପାଦ) ସେବାରେ ସର୍ବ ଦୁଃଖ ହୁଏ ଦୂର ।୧୬ ।

ପିତୃଲୋକ ପିଣ୍ଡ ପାଇଁ ଜନ୍ମ ଦେଲେ ମୋତେ,

ବଂଶର ମର୍ଯ୍ୟାଦା ପାଇଁ ଧର୍ମ କଲେ କେତେ ।୧୭ ।


ମୁଁ ତାଙ୍କ ଆଶା ଭରସା ପିଣ୍ଡର କାରଣ,

ଗଙ୍ଗାରେ ଶ୍ରାଦ୍ଧ ହେଇଣ କରବ ତର୍ପଣ ।୧୮ ।

ପ୍ରଭୁ ଶ୍ରୀଚରଣେ ମୁହିଁ ନମେ ଶତବାର

ଏହ ସଦବୁଦ୍ଧି ପ୍ରଭୁ ଦଅ ମୋ ହୃଦର ।୧୯ ।

ବ.ଏ., ବ.ଇଡ଼ି
ଅବସର ପ୍ରାପ୍ତ ଶିକ୍ଷକ
ମୂଳବସନ୍ତ, କଟକ



# ତୃତୀୟ ନୟନ



ବଜୟ ପ୍ରଧାନ

କାଳସୀ ଲାଗିଲା ମତେ ସେଇଦନ
ଯୋଉଦନ ମୁକୁଳା ବାଳରେ
ତୁମେ ଦେବୀ ପରି ଦଶିଲ ।

କ'ଣ ହେଲା କେଜାଣି
କଛ ପଶିଲାନ ଆଉ ମୁଣ୍ଡରେ
ତୁମେମୟ ଦଶିଲା ଗ୍ରୁରଆଡ଼େ ।

ଘରଲୋକେ ଭୟାତୁର ହେଲେ
ତାଙ୍କୁ ଲାଗିଲା ଯେ
କେହ ଜଣେ ଅଛ ମୋ ଭତରେ ।

ମୁଁ ବ ଠିକ୍ ସେଇପର
ଅନୁଭବ କରୁଥିଲ ଭତରେ ବାହାରେ
ଛାଇଛାଇକା ଆକୃତଟିଏ
ଚଲାବୁଲା କରୁଥିଲା ଖୁବ୍ ନର୍ଦ୍ଧନରେ ।

ଗୁଣିଆ ବଇଦ ଫୁଙ୍କାଝଡ଼ା
କଛ କ'ଣ କାମ ଦେଲା !
ଯୁଆଡ଼େ ଦେଖିଲେ ତୁମ ରୂପ
ଆଉ ହସ ହସ ମୁହଁ ଦଶୁଥିଲା ।


ତାବଜରେ ମନ୍ତ୍ରର ଔଷଧ
ନମ୍ବଡ଼ାଳରେ କଳା ହେଲା ଦେହ

ତା'ପରେ ବ ଗୁଡ଼ିଲାନ ଚେତନାରୁ
ତୁମ ଦେବୀପଣର ମୋହ ।

ବେଶ୍ କଛ ଦନର ଆଚ୍ଛନ୍ନତାରେ
ଅସ୍ତବ୍ୟସ୍ତ ମୋର ଜୀବନ
ଆତଙ୍କିତ ମୋର ବନ୍ଧୁ ପରଜନ ।

ଅଗ୍ନନକ୍ ଦନେ ପୁଣିଥରେ
ତୁମେ ଦଶିଲ ମୁକୁଳା କେଶରେ
ପୁଣି ମୋ ଚେତନାରେ କାଳସୀ ମାଡଲ୍
ବଳର ବୋଦାଟିଏ ପର
ତୁମ ପଛେ ପଛେ ଧାଇଁଲ୍...

ବୁଲପଡ଼ି ଅନେଇଲ୍ ବେଳେ
ମୋହଭଙ୍ଗ ହେଲ୍ ମୋର ସେଇ ମୁହୂର୍ତ୍ତରେ
ତୃତୀୟ ନୟନ ତୁମ ଦାଉ ଦାଉ ଜଳୁଥିଲ୍
କୁଞ୍ଚିତ ଦୁଇଅ ଭୃଲତା ମଝିରେ... ।



# ଦଶଭୂଜା ଏବେ ଶତଭୂଜା ହୁଅ



ତାର ପ୍ରସାଦ ଜେନା

ଦଶଭୂଜା ଏବେ ଶତଭୂଜା ହୁଅ

ଶକତ ଧାରଣୀ ମାଆ

ଦୁର୍ଗତ ନାଶନେ ମହା ପରକ୍ରମେ

ଅବତର ଠିଆ ହୁଅ ।

ମାୟାବୀ ରକ୍ଷସ ଶୁମ୍ଭ ନଶୁମ୍ଭକୁ ମାଆ ତୁ କରଛୁ ହତ

ଆଜ ତୋ ମାୟାରେ ନେତା ମନ୍ତ୍ରୀ ଯନ୍ତ୍ରୀ, ଜନତା ହେଲେଣି ତ୍ରସ୍ତ

ସଂହାରବା ପାଇଁ ମାଆ ତୁ ଆସିବୁ, ବରଣ ନଡ଼ିଆ ଗୁଆ ।

ମହଷା ପାପିଷ୍ଠ ଉଲଗ୍ନ ଜାନୁକୁ କାମନା କରଛ ବାରେ

ଆଜ ତ ଦୁନଆ ପାପିଷ୍ଠ ଗ୍ଭଉଣୀ ଜୀବନ୍ତ କ୍ଷୁଧାରେ ଘାରେ

ମାରଦେ ମାଆଲୋ ଏମିତ ଅଧମ, ନରକ କୀଟର ଛୁଆ ।

ପୂଣ୍ୟର ମନ୍ତ୍ରରେ ମାଆ ତୁ ପୂଜତା, ପାପୀକୁ କରବୁ ନଷ୍ଟ

ଧର୍ମର ଦ୍ୱାହରେ ଅବବେକୀ ଗୁରୁ, ଦେବୁ ମା' ତାଡ଼ନା କଷ୍ଟ

ଶାଶ୍ୱତୀ ଲଭବ ମାଆର ଆଶ୍ୱସ୍ତି, ଅଚରେ କଲ୍ୟାଣ ନୂଆ ।





# ମାମା



ସୁଚରତା ପଟ୍ଟନାୟକ

ଦୁନଆର ସବୁଠାରୁ ମୋର ମୋ ମାମା ନଜର

ସବୁଦୋଷ କ୍ଷମା କରେ, କରେ ସ୍ନେହ ଅପାର

ଭଲ କାମ କରବାକୁ ସବୁବେଳେ ସେ କୁହଇ

ଖରାପ କାମରୁ ସବୁବେଳେ ବାରଣ ସେ କରଇ

ସେ ମାମା ମୋର ... ୨

ତା ଜୀବନରେ ବହୁତ ଯେ ଦୁଃଖ

ମୁଁ ଜାଣିନାହିଁ ତାକୁ ଆଗକୁ

ଦେଇ ପାରବ କ ନାହିଁ ଟିକେ ସୁଖ

ସେ ମାମା ମୋର... ୩

ଯେତେବେଳେ ତାର ଉପଦେଶ ମୁଁ ନ ମାନଇ

ସେତେବେଳେ ବହୁତ ବପଦ ମୁଁ ଭୋଗଇ

ସେ ମାମା ମୋର... ୪

ଶପଥ ନେଇଛ ତା'ର ସବୁ ଉପଦେଶ ମୁଁ ମାନବ

ତା'ର ଜୀବନରେ ସୁଖ ଦେବାପାଇଁ ଚେଷ୍ଟା କରବ

ସେ ମାମା ମୋର... ୫

ସେ କେବଳ ମୋହର

ତା ଛଡ଼ା ଏ ସଂସାରେ କେହ ନାହିଁ ମୋହର...

ସେ ମାମା ମୋର... ୬

# ଗୋପନ ମିଳନ



ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ

ସଂଜବତୀ ଜଳେ ଯେବେ ଚଉଁର୍ ମୂଳରେ
ମନହୁଏ ଆନମନା ତୁମ ଅପେକ୍ଷାରେ ।
ଏ କଥାକୁ କେହି କିନ୍ତୁ ପାରନ୍ତିନି ଜାଣି,
ସମସ୍ତେ ଭାବନ୍ତି ମୁଁ ଯେ ଅଟେ ପାଗଳିନୀ ।
ଚୁପଚାପ୍ ତୁମେ ଆସ ନିଃଶବ୍ଦ ରାତରେ
ପୃଥିବୀର ସବୁ ଲୋକ ଶୋଇଗଲା ପରେ ।
ଚାନ୍ଦ ତାରା ସାକ୍ଷୀ ହୁଅନ୍ତି ଆମର ପ୍ରେମରେ
ଆମେ ଦୁହେଁ ହଜିଯାନ୍ତି ଦୁହିଁଙ୍କ ବାହୁରେ ।
ମନେ ଡର ଥାଏ କାଳେ କେହି ପାରିବକି ଦେଖି
ରଚିଯିବ ନିନ୍ଦା ପୁଣି ତମ ନାମେ ସଖୀ ।
ଗଣି ହୁଏନାହିଁ ପୁରା ରାତ କଟିଯାଏ
ପୁରାରାତ ଲାଗେ ଅବା ମୁହୂର୍ତ୍ତେ ପରାଏ ।
ସୂର୍ଯ୍ୟ ଯେବେ ଉଠିଆସେ ପୂର୍ବ ଆକାଶରେ
ନିମିଷକେ ଲୁଚ ତୁମେ ମନ ଗହନରେ ।
ଆଖି ଚାହିଁ ରହେ କେବେ ପୁଣି ସୂରୁଜ ବୁଡ଼ିବ
ଚଉଁର୍ ମୂଳରେ ପୁଣି ସଂଜବତୀ ଜଳିବ,
ଚୁପଚାପ୍ ତୁମେ ପୁଣି ଭାବନାରେ ଆସିବ ।

ଏମ୍. ଏ. (ସୋସିଓଲୋଜି), ଗୃହିଣୀ
୩୮୧୩, ଫକ୍ସ ରନ୍ ଡ୍ରାଇଭ୍
ଆପାର୍ଟମେଣ୍ଟ ନଂ - ୧୨୦୧
ବ୍ଲୁ ଆସ୍, ଓହାୟୋ - ୪୫୨୩୬ ୟୁଏସଏ

# ବିଶୁଦ୍ଧ ନିରାମିଷ ଅଣ୍ଡା ତରକାରୀ



ଡା ସର୍ବଶ୍ରୀ ନନ୍ଦୀ

(ବିନା ଅଣ୍ଡା, ବିନା ପିଆଜ ଓ ରସୁଣରେ ପ୍ରସ୍ତୁତ)


## ଆବଶ୍ୟକ ସାମଗ୍ରୀ

ସିଝା ଆଳୁ : ୩ଟି, ମଇଦା : ୩ ବଡ଼ ଚାମଚ, କର୍ନଫ୍ଲୋର : ୨ ବଡ଼ ଚାମଚ, ଗୁଣ୍ଡ ଛେନା : ୩ ବଡ଼ ଚାମଚ, ଲୁଣ : ସ୍ୱାଦାନୁସାରେ, ତେଲ : ୩ ବଡ଼ ଚାମଚ, ବଟର : ୧ ଚାମଚ, ଶୁଖିଲା ଲଙ୍କା : ୧ଟା, ଜୀରା ଗୁଣ୍ଡ : ୧ ଚାମଚ, ଧନିଆ ଗୁଣ୍ଡ : ୧ ଚାମଚ, କାଶ୍ମୀର ଲଙ୍କା ଗୁଣ୍ଡ : ୧ ଚାମଚ, ହଳଦୀ ଗୁଣ୍ଡ : ୧ ଚାମଚ, ଗରମ ମସଲା : ୧ ଚାମଚ, ଅଦା : ଛୋଟ (୧ ଇଞ୍ଚ), ଟମାଟ : ୧ଟା, କାଜୁ : ୫ଟା

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ଟମାଟ ଓ କାଜୁକୁ ଏକାଠି ବାଟି ଦିଅନ୍ତୁ ।

ଛେନାରେ ଅଳ୍ପ ହଳଦୀ ଓ ଲୁଣ ଦେଇ ଗୋଳାଇ ରଖନ୍ତୁ । ଗୋଟିଏ ସିଝା ଆଳୁର ଚୋପା ଛଡ଼େଇ ସେଥିରେ ଅଳ୍ପ ଲୁଣ ମଇଦା ଓ କର୍ନଫ୍ଲୋର ଦେଇ ଚକଟି ଦିଅନ୍ତୁ । ମଇଦା ଚକଟାରେ ଛେନାପୁର ଦେଇ ଅଣ୍ଡା ଆକାରରେ ଗଢ଼ନ୍ତୁ ଓ ଅଲଗା ରଖନ୍ତୁ । କଡ଼େଇ ବସାଇ ଗରମ ହେବାପରେ ଅଳ୍ପତେଲ ଦେଇ ଅଣ୍ଡାକୁ ଭାଜନ୍ତୁ । ଗୋଟିଏ ପଟ ଅଳ୍ପ ନାଲି ରଖିବେ । ବାସ ବର୍ତ୍ତମାନ ଅଧା କାମ ସରିଗଲା ।




ତରକାରୀ ପାଇଁ ଗ୍ୟାସରେ କଡ଼େଇ ବସେଇ ଗରମ ହେବାପରେ ତେଲ ପକାନ୍ତୁ ସେଥିରେ ଶୁଖିଲା ଲଙ୍କା ଓ ଅଦା ଛେଚିକୁ ଦେଇ ଫୁଟଣ କରନ୍ତୁ । ଟିକେ ଭାଜ ହୋଇଗଲେ ସେଥିରେ ଟମାଟ ବଟା, ହଳଦୀ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ ମିଶାଇ ଗୋଳାନ୍ତୁ । ଟିକେ କଷି ହୋଇଗଲେ ବାକି ଥିବା ଆଳୁକୁ ପକାନ୍ତୁ । ଯେତିକି ଝୋଳ ରଖିବାକୁ ଚାହାନ୍ତି ସେହି ଅନୁସାରେ ପାଣିଦେବେ । ଆବଶ୍ୟକ ଅନୁଯାୟୀ ଲୁଣ ପକାନ୍ତୁ । ଅଳ୍ପ ଫୁଟିଲା ପରେ ଅଣ୍ଡା ଗୁଡ଼ିକୁ ସାବଧାନର ସହିତ ପକାନ୍ତୁ । ତାପରେ ସେଥିରେ ବଟର ଓ ଗରମ ମସଲା ଗୁଣ୍ଡ ପକାନ୍ତୁ ଏବଂ ୨ ମିନଟ୍ ପରେ ଓହ୍ଲାଇ ଗରମ ଗରମ ପରଷନ୍ତୁ ।

ନବମ ବର୍ଷ, ପଞ୍ଚମ ସଂଖ୍ୟା
ଅକ୍ଟୋବର ୨୦୧୪




# କିଛି ମନର କଥା



ପ୍ରଜ୍ଞା ପରମିତା ପଣ୍ଡା

ମନର ଛୋଟ ଅଗଣାଟିରେ ଆଜ କେବଳ ଗଙ୍ଗଶିଉଳୀ ଝରିପଡ଼େନା
ବରଂ ତାର ବାସ୍ନା ସହ ହସିଉଠେ କାଶତଣ୍ଡୀ
ତୁମେ ଆସି ଜୀବନରେ ଭରିଦେଲ ଏତେ ରଙ୍ଗ ଯେ
ଜାଣ ? ଆଜକାଲି କଳାରଙ୍ଗ ବି ଖୁବ୍ ସୁନ୍ଦର ଲାଗେ ମୋତେ...
ତୁମର ସେଇ ଛୋଟ ଘରଟିକୁ ସଜାଡ଼ିନେବାର ଆଖିରେ ସ୍ୱପ୍ନ ନେଇ
ଗୃହିଣୀ ପରି ଗୃହିଁବସେ ମୁଁ
ତୁମର ସେଇ ଛଳ ଛଳ ହୃଦୟକୁ ସାଉଁଟି ନେଇ
ମନର କୋଠରୀରେ ସାଇତି ରଖିଦିଏ
ଝରକା ଆଉ ଦୁଆର ବି କରିଦିଏ ନିବୁଜ... କାଳେ...
ଟିକିଏ ବି ଆଲୁଅ ଓ ପବନ କଷ୍ଟ ଦେବ ତୁମକୁ
ତୁମର ସବୁ ଦୁଃଖ ସବୁ କଷ୍ଟକୁ ଲୁଚେଇ ଦେବି ମୁଁ
ତୁମର ଆଖି ପାଉନଥିଲା ଜାଗାଟିଏ ଖୋଜି
ଆଉ ଯଦି ତୁମେ କେବେ ପୁଣି ନିଜ ଦୁଃଖ ସବୁ ଫେରସ୍ତ ମାଗ
ତେବେ ଖାସ ତୁମରି ପାଇଁ ଖୋଜି ଆଣିବି
ଅତୀତର ପାହାଡ଼ରୁ କିଛି ମିଠା ମଧୁର ସ୍ମୃତି
ତୁମ ଆଖିର ସେଇ ଝିଲ୍ ମିଲ୍ ଖୁସିକୁ
ନିଜ ଆଖି ଆଇନାରେ ଉତାରି ନେଇ
ସଜାଡ଼ି ରଖିବି ମୋ ସ୍ମୃତିର ଫରୁଆରେ... ବାସ୍
ତାପରେ ଆଉ ଜୀବନ ବଞ୍ଚିବାରେ ମୋର କଷ୍ଟ ବା କଣ ?
ତୁମର ସେଇ ଟିକିଏ ଖୁସି... ତୁମର ସେଇ ସରଳ ହୃଦୟର
ସବୁତକ ଭଲପାଇବା ନେଇ... ମୁଁ ବାସ ହିଜିଯିବି
କୋଉଠି ଜାଣ ???
ଠିକ୍ ସେଇଠି... ଯେଉଁଠୁ ଝରିଆସେ
ଗଙ୍ଗଶିଉଳୀ ଓ କାଶତଣ୍ଡୀର ମିଶାମିଶି ବାସ୍ନା...

ଭୁବନେଶ୍ୱର



# ତିନୋଟି ଅଣୁଗଳ୍ପ



ଦେବାଶିଷ ସାମଲ

## ସେ ମା... ଆଉ ଏ ମା'ର ଆଶିଷ

ଆଜ ଦଶହରା... ପୁଅର ସବୁ ସାଙ୍ଗ ଖାଇ ଗ୍ଲଲଯାଇଥିଲେ ।

ପୁଅ : ବୋଉ... ତୁ କଣ ଲୁଣି ବିସ୍କୁଟ୍ ଭାତ ଖାଉଚୁ ?

ମା : ନାଇଁରେ ବାବୁ... ଖେଚୁଡ଼ି, କ୍ଷୀରି, ପୁରୀ, ଯାହା ସବୁ ହେଇଥିଲା ତୁମେମାନେ ଖାଇଲା ବେଳେ ସରିଗଲା । ତେଣୁ ଆଉ ବେଳ ନାହିଁ କି ବଳ ନାହିଁ । ଯାହା ହେଲେ ଟିକେ ଖାଇଦେଲେ ଚଳିଯିବ । ପେଟ ପୁରିଲେ ତ ଗଲା । ଆଉ ତୁ ଖାଇଲେ ମୋ ପେଟରେ ଲାଗିବରେ ଧନ ।

କିଛି ବର୍ଷପରେ... ପୁଣି ଦଶହରା...

ପୁଅ : ବୋଉ, ଆମେ ଯାଉଚୁ, ଦଶହରା ମେଢ଼ ଦେଖି ଆସିବୁ । ସାହି ପିଲାଏ ଆସି ଡାକିଲେଣି, ଯାଉଛି, ପୂଜାରେ ବସିବ । ସୀମା ବି ମୋ ସହ ଯାଉଚି । ଆମେ ଫେରିବା ବେଳକୁ ବିଳମ୍ବ ହେବ । ତୁ ଗୋଟେ କାମ କରିବୁ, ଗେଷେଇ ଘର ଥାକରେ ଡବାରେ ବିସ୍କୁଟ୍ ଅଛି ଖାଇଦେବୁ ।

ମା : ବାବୁରେ... ଭାତ ମୁଠେ ନ ପଡ଼ିଲେ ମୋର ପେଟରେ ବାୟୁ ହେଇଯାଉଛି ।


ପୁଅ : ବୁଢ଼ୀଟେ ହେଲୁଣି । କେତେ କହିଲେ ବି ଗ୍ୟାସ ଚୁଲିରେ ଗେଷେଇ ଶିଖିଲୁନି । ଗୋଟିଏ ଦିନେ ଭାତ ନ ଖାଇଲେ ପ୍ରଳୟ ହେଇଯିବନି ।

ସତରେ କଣ ଘରେ ଥିବା ମା'କୁ ଭୋକରେ ରଖି ଦଶପ୍ରକାରର ଫଳମୂଳ ଦେଇ ଆଉ ଗୋଟିଏ ମା'କୁ ପୂଜା କଲେ ଆଶିଷ ମିଳେ ???

## ଭଲ ପାଇବା କଣ ଧିରେ ଧିରେ ସରିଯାଏ ?

ଟମି, ଗୋଟିଏ ପୋଷା କୁକୁର, ଆଜ ବହୁତ ଖୁସି । ଦଶହରା ପାଇଁ ନୁହେଁ, କାରଣ ଅନେକ ଦିନପରେ ସେ ମାଲିକଙ୍କ ସହିତ ଘରୁ ବାହାରକୁ ବାହାରିଛି । ଦୁଇମାସ ହେଲା ଦେହରେ ଗେଗ ହେଇଛି ଯେ ସବୁ ଗେମ ଝଡ଼ିଗଲା । ଘରେ ଅଲଗା ରଖିଥିଲେ ତାକୁ । ଆଉ ପୂର୍ବପରି କେହି ପାଖକୁ ଆସୁନଥିଲେ । ଘର ପିଣ୍ଡାରୁ ଭିତରକୁ ଯିବା ମନା ଥିଲା । ଖାଇବାକୁ କଣ ଦି'ଟା ଦେଇଦେଲେ କାମ ସରୁଥିଲା । ଆଜ କିନ୍ତୁ ସବୁ ଅଲଗା ଲାଗୁଥିଲା ।

ଗାଡ଼ିରେ ବସି ସହର ଭିତର ଦେଇ ଅନେକ ବାଟ ଗଲାପରେ ନିଛାଟିଆ ପାହାଡ଼ ପ୍ରାନ୍ତର





ପାଖରେ ଗାଡ଼ିରୁ ଓହ୍ଲେଇବା ପରେ ମାଲିକ ହାତରେ ଧରିଥିବା ବଲଟିକୁ ଦୂରକୁ ଫୋପାଡ଼ି ଦେଇଥିଲେ, ଟମି ଖୁସିରେ ଦଉଡ଼ି ଯାଇଥିଲା ବଲଟିକୁ ଆଣିବାପାଇଁ । ବଲଟିକୁ ପାଟିରେ ଧରି ପଛକୁ ଫେରି ଚାହିଁଲାବେଳକୁ ମାଲିକ ଗାଡ଼ି ନେଇ ଚାଲିଯାଉଛନ୍ତି । ସେ ବି ଗାଡ଼ି ପଛେ ପଛେ ଅନେକ ବାଟ ଧାଇଁଲା । ହେଲେ ଗାଡ଼ିର ଗତି ସହ ନିଜ ଗତି ସମାନ ହୋଇପାରିଲାନାହିଁ । ଆଖିରୁ ଦୁଇଧାର ଲୁହ ଝରିଗଲା । ଯେମିତି କହୁଥିଲା-

ପର କରିଦେଲି ମାଲିକ ? ପିଲାଟି ଦିନରୁ ଆଣି ପାଖରେ ରଖିଥିଲି । ସ୍ନେହ ଦେଇଥିଲି, ଆଉ ଆଜି ପର କରିଦେଲି । କଣ ଦୋଷ କରିଥିଲି ମୁଁ ? ବିଶ୍ୱାସରେ ତ କେବେ ଉଣା କରିନଥିଲି । ରାତି ରାତି ଉଜାଗର ରହି ଘର ଜଗିଛି । ମନେ ଅଛି ସେଦିନ ବାବୁ... ସାପଟା ଘର ଭିତରକୁ ଆସୁଥିଲା ବୋଲି ତାକୁ ଦୁଇ ଖଣ୍ଡ କରିଦେଇଥିଲି । ହେଲେ ଆଜି ସବୁ ଭୁଲିଗଲି ? ହଉ ବାବୁ ଭଲରେ ରୁହ...


ତୁମକୁ ବହୁତ କଷ୍ଟ ହେଉଥିବ ନା ବାବୁ ? ଏତେ ବାଟ ଆଣିବା କଣ ଦରକାର ଥିଲା ? ଘରେ ଦେଉଥିବା ଭାତ ମୁଠାରେ ବିଷଟିକେ ଦେଇଥିଲେ ବି ତ ମୁଁ ଚାଲିଯାଇଥାନ୍ତି ।

ହଠାତ୍ କିଛି ବୁଲାକୁକୁର ଚାଲି ଆସି ଘେରିଗଲେ ଆଉ ଭୋ ଭୋ ଶବ୍ଦ ମଧ୍ୟରେ ଟମିର ଶବ୍ଦକୁ ଶାନ୍ତ କରିଦେଇ ଚାଲିଗଲେ । ରାସ୍ତା କଡ଼ରେ ଟମିର ଶରୀର ସେମିତି ପଡ଼ିଥିଲା । ବେଳେ ବେଳେ କୁଁ କୁଁ ଶୁଭୁଥିଲା । ଯେମିତି କହୁଥିଲା... ମୋ ବାବୁ ଭଲରେ ରହୁ । ଶେଷରେ ତା ଆଖିର ଶକ୍ତି କମି ହେଇ ଆସୁଥିଲା, ଦେହ ଅବଶ ହେଇଯାଉଥିଲା ଆଉ ପ୍ରାଣବାୟୁ ବାହାରି ଯାଉଥିଲା । ଆକାଶକୁ ଚାହିଁଥିଲା ସତେ ଯେମିତି ପଚାରୁଥିଲା...

ଭଲ ପାଇବା କଣ ସରିଯାଇ କି ?

## ପକ୍ଷୀ ଫେରେ ନୀଡ଼େ

ନବରାତ୍ର ଆରମ୍ଭ ହୋଇଯାଇଥିଲା... ବଳବନ୍ତରାୟ ପଚିଶି ବର୍ଷ ତଳର କଥା ବସି ଭାବୁଥିଲେ । ବାପା ବୋଉ କେତେ କରି ବୁଝାଇଲେ ଦଶହରା ପରେ ଆମେରିକା ଯାଆ... ହେଲେ ସେ ଚିତ୍କାର କରି କହୁଥିଲେ.. କଣ ଅଛି ଦଶହରାରେ ? କଣ ଅଛି ଏ ଭାରତରେ ? ଯାହା ଅଛି




ସବୁ ବଦେଶରେ.... ଭାରତ ବେକାର ଦେଶ...

ଆଉ ଆଜ... କଣ ପାଇଲେ କଣ ହରାଇଲେ ଅଙ୍କ କଷୁ କଷୁ ଥକ ପଡୁଥିଲେ । ପାଇବାଠୁ ବେଶୀ ହରେଇ ବସିଥିଲେ । ବାପା ମା ମରବା ବେଳେ ମୁହଁରେ ନଆଁଟିକେ ବ ଦେଇ ପାରଲେନ । ସେହ ଗାଁ ମାଟିର ବାସ୍ନା, ପଖାଳର ସ୍ୱାଦ, ରଜ ଦୋଳ, ଠାକୁରାଣୀ ଯାତ୍ରା, ଦଶହରାରେ ସାଙ୍ଗସାଥୀ, ସବୁ ମନେ ପଡୁଥିଲା । ବଦେଶରେ ରହବା ମୋହରେ ବଦେଶିନୀକୁ ନଜ ବବାହତା ପତ୍ନୀର ଅଧିକାର ଦେଇଥିଲେ ହେଲେ ସେ ବ ବେଶୀଦନ ରହଲା ନାହିଁ, ଆଉ ସନ୍ତାନ ବୋଲ ଗୋଟିଏ ଝିଅ ଯେ ଏବେ ଦ୍ୱତୀୟ ବବାହ କରଛି । କନ୍ତୁ ସେ ପାଇଛନ୍ତ ବହୁତ ଡଲାର, ତା ସହ କନ୍ତୁ ମିଳଛି ଏକାକୀତ୍ୱ, ନରବତା ଆଉ ଅନୁଶୋଚନା । ନଜର ବୋଲ କହବାକୁ କେହ ନାହାନ୍ତ । ଭାଇ ଏକା ହୋଇଯାଇଛନ୍ତ ।

ମୋଦ ମୋଦ ମୋଦ... ଚତ୍କାରରେ ଫାଟି ପଡୁଥାଏ ଆମେରକାର ମ୍ୟାଡ଼ିସନ୍ ଗାର୍ଡ଼ନ୍ ସ୍କୋୟାର୍ । ଭାରତର ପ୍ରଧାନମନ୍ତ୍ରୀ ହନ୍ଦୀରେ ଭାଷଣ ଦେଉଛନ୍ତ । ସମସ୍ତଙ୍କ ମୁହଁରୁ ବାହାରୁଥିଲା, 'ଭାରତ ମାତାକ ଜୟ' ବଳବନ୍ତରାୟ ବ ଧିରେ ଧିରେ କହବା ଆରମ୍ଭ କରଦେଲେ, 'ଭାରତ ମାତାକ ଜୟ' । ଆହା କେତେ ଶାନ୍ତ ଲାଗୁଛି ସତେ, ତାଙ୍କ ଆଖିରୁ ଧାର ଧାର ଲୁହ ଝର ଯାଉଛି ।

ସେଇଠି ବସି ବସି ଫୋନ କର ଟିକେଟ୍ କରୁଥିଲେ, ଏୟାର ଇଣ୍ଡିଆ ଫ୍ଲାଇଟରେ ଭାରତ ପାଇଁ । ଅନେକ ବର୍ଷ ବତେଇ ଦେଇଛନ୍ତ ବଦେଶରେ ଆଉ ନୁହଁ । ଏଇ ବର୍ଷ ଦେଶରେ ହିଁ ଦଶହରା ଦେଖିବେ....

ବ୍ରହ୍ମପୁର



# ଦିଅ



ମୌସମୀ ଦାସ

କେବେ ବର୍ଷା ବନ୍ଦୁରେ
ଆଙ୍କିଥିଲ ସୀମନ୍ତରେ
ସୁହାଗର ଲାଲ,
ସେଇ ଋତୁ ଯେବେ
ଭଜାଏ ମୋତେ
ମୁଁ ଯେମିତ ଫୁଟିଯାଏ
ଭଜା ଭଜା ପାଖୁଡ଼ା ହୋଇ ।

ଆଜ ଖରାଧାସରେ ବବର୍ଣ୍ଣ
ଅବରବୋଳା ସକାଳ
ସୁନେଲ ମଧ୍ୟାହ୍ନ
ଗୋଧୂଳର ରଙ୍ଗ
କଥା ସବୁ ଝାମ୍ ମାର ଗୁମସୁମ୍
କେଉଁ ଗୁମାନର ଗୁମ୍ଫାରେ
ଘୁମୁରୁଥାନ୍ତ ଗୁଳୁଗୁଳରେ ।
ଦରଫୁଟା ଫୁଲର ମଉଳା ମୌନତାରେ
ଗୁମୁରୁଥାଏ ତାତ,
ଆକାଶରେ ଘନୀଭୂତ ହୁଏ
ଲଘୁଗୁରୁପର ଆଶ୍ୱସ୍ତି ।
ତୁମ ଆଶ୍ୱାସନାର ସ୍ପର୍ଶରେ
ଆଷାଢ଼ ଏବେ ଝରବାକୁ ଆତୁର,
ପ୍ରଜାପତର ପରାଗରେ
ଋତୁମତୀ ବର୍ଷାର ଆସର ।
ପଣତରେ ଭରଦଅ
ଆୟୁଷର ଅବଶିଷ୍ଟ ମେଘ
ଝରବା ଆଗରୁ ସକାଳ
ସିନ୍ଦୂରତ ରଙ୍ଗରେ ଭରଦେଇ
ଧୂସର ଖରାର କପାଳ
ଅନୁଢ଼ା ଋତୁଟିଏ ଦଅ ଆଙ୍କି ।
କବତାର ପାଖୁଡ଼ାରେ
ଭରଦଅ ସ୍ୱପ୍ନର କାକଳ
ହସିଉଠିବ ଆକାଶର ରଙ୍ଗ
ଚହଲଯିବ ଫୁଲେଇ ନଈର ଗୀତ ।

ଜଳ ସମ୍ପଦ ବଭାଗ, ରାଜୀବ ଭବନ
ଭୁବନେଶ୍ୱର, ଓଡ଼ିଶା

# ଛୁଞ୍ଚିପତ୍ର ପିଠା



ଋତୁ ପଟ୍ଟନାୟକ ମହାନ୍ତି

## ଆବଶ୍ୟକ ସାମଗ୍ରୀ :


୨ କପ୍ ବାସମତୀ ଚାଉଳ, ୧ କପ୍ ନଡ଼ିଆ କୋରା, ସ୍ୱାଦାନୁସାରେ ଗୁଡ଼ / ଚିନି, ୧ ଚାମଚ ଅଳେଇଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ତେଲ କିମ୍ବା ଘିଅ

## ପ୍ରସ୍ତୁତ ପ୍ରଣାଳୀ :

ଚାଉଳକୁ ଅନ୍ତତଃ ଦୁଇଘଣ୍ଟା ପାଇଁ ବତୁରାଇ ବାଟି ଦିଅନ୍ତୁ, ଏବଂ ସେଥିରେ ସ୍ୱାଦାନୁସାରେ ଲୁଣ ଓ ପାଣି ମିଶାଇ ପାଣିଆ କରନ୍ତୁ । ପିଠାରେ ଭର୍ତ୍ତି କରିବାପାଇଁ କଡ଼ାଇକୁ ଭଲଭାବରେ ଗରମ କରି ସେଥିରେ ନଡ଼ିଆ ଗୁଣ୍ଡ ଓ ଗୁଡ଼କୁ ଭାଜନ୍ତୁ । ସାମାନ୍ୟ ଲାଲ୍ ହେବାଯାଏ ଭାଜନ୍ତୁ । ଏବଂ ଶେଷରେ ସେଥିରେ ଅଳେଇଚ ଗୁଣ୍ଡ ମିଶେଇ ରଖି ଦିଅନ୍ତୁ । ଗ୍ୟାସ ଚୁହ୍ଲା ଉପରେ ତାୱା ବସେଇ ଗରମ କରନ୍ତୁ । ତାୱାରେ ଘିଅ କିମ୍ବା ତେଲ ଭଲଭାବରେ ଘଷି ଦିଅନ୍ତୁ । ଚୁହ୍ଲାକୁ ଅଳ୍ପ ଆଞ୍ଚରେ ଜଳିବାକୁ ଦିଅନ୍ତୁ । ଗୋଟିଏ ସଫା ପତଳା କପଡ଼ା ନିଅନ୍ତୁ । ଏବଂ ଏହାକୁ ତାୱା ଉପରେ ପକାନ୍ତୁ । ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଚାଉଳ ବଟା କନା ଉପରେ ରଖନ୍ତୁ । ତାୱା ଉପରେ ଏକ କ୍ରସ୍ ଚିହ୍ନ କରନ୍ତୁ । ସେହି ଚିହ୍ନର ମଧ୍ୟରେ ପ୍ରସ୍ତୁତ ନଡ଼ିଆ ପୁରକୁ ରଖନ୍ତୁ । ଏବଂ ଏହାକୁ ଚାରିଭାଗରେ ଭାଙ୍ଗି ଦିଅନ୍ତୁ । ଗରମ୍ ଗରମ୍ ପରସନ୍ତୁ ।

ଏହା ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ଏକ ସାଧାରଣ ପିଠା ଯାହା ଅଧିକାଂଶ ଓଡ଼ିଆ ଘରେ ହୁଏ ।





# କରେଣ୍ଟ ଇଣ୍ଟର୍‌ନେଟ୍




ସ୍ୱରୂପ କୁମାର ମଲ୍ଲ

ମା ଲୋ, ମା ଏଇ ଯୋଉ ଇଣ୍ଟାରନେଟ୍ ଫିଣ୍ଟରନେଟ୍ ଏଇ ଗୁଡ଼ା ଆମ ପାଟିରେ ପଶିବନଲେ ମା ! କଣ ସନା ପୁଅ କହୁଥିଲା, ଏଥିରେ କୁଆଡ଼େ ଜଲଦ ଚଠି ପଠେଇହୁଏ । ସେ କୁଆଡ଼େ ଦୁବାଇରେ ଥିଲାବେଳେ କଣ ଉମମ୍...ମ୍.. ବଡିଓ ଗ୍ଟ୍ କର କଥାହୁଏ । ହମମ୍.. ଯୁଗ ବଦଳଲାଣି ତ। ଏଇ ଇଣ୍ଟର୍‌ନେଟରେ କୁଆଡେ ସବୁକଛ ହେଉଛ- ପଇସା ଦଆନଆ, କଲେଜ ଆଡ଼ମିଶନ, ଜନଷ କଣାବକା, ପେରେମ ବ ।

ହେଲେ ମୁଁ ଶୁଣିଲ କୁଆଡେ ଏଇଥିରେ ବହୁତ ଲଫଡା ହେଉଛ । ସନା ବ୍ୟାଙ୍କ କଏ ସବୁ ପଇସା ନେଟ୍‌ରୁ ନେଇଯାଇଛ । ତାକୁ କୁଆଡେ ଲଟେର ଜତଛ, ତମ ସବୁ ଡିଟେଲ (ନାଁ, ଠିକଣା, ମୋବାଇଲ ନଂ, ଇମେଲ ଆଇଡ଼ି, ବ୍ୟାଙ୍କ ନଂ) ଦେଲେ ପଇସା ମିଳବ ବୋଲ କହ ଦନରେ ତାର୍ ଦେଖେଇଦେଲେ । ଆରେ ଆମ ସେ ନାତ ଏବେ ଗ୍ଟକର ଖୋଜୁଛ । ତାକୁ ଗୋଟେ ନେଟରେ ଚଠି ଆସିଥିଲା ଯେ, ଆମେ ଅମୁକ କମ୍ପାନରୁ ଅଟୁ । ଆମର ବମ୍ବେପାଇଁ ପିଲା ଦରକାର । ଆଉ ଗୋଟିଏ ଜାଗା ଅଛ । ତମକୁ ତମ ମନମୁତାବକ  ପଇସା, ଆଉ ସୁବଧା ମିଳବ କନ୍ତୁ ତମକୁ ପ୍ରଥମେ ୯୦୦୦ ଟଙ୍କା ଡିପୋଜଟ୍ କରବାକୁ ପଡିବ । ଆମେ ପଇସା ପାଇଲା ପରେ ତମକୁ ଉଡ଼ାଜାହାଜ ଖର୍ଚ୍ଚ ଆଉ ଯିବା ଆସିବାର ପୁର୍ ବ୍ୟବସ୍ଥା କରବୁ ଆଉ ଇଣ୍ଟରଭ୍ୟୁ ପରେ ସବୁ ପଇସା ଦେଇଦବୁ । କନ୍ତୁ ପଇସା ଦେଲା ପରେ ନା ଫୋନ ଲାଗୁଛ ନା ମେଲରେ ଚଠିଯାଉଛ । ହେ ପ୍ରଭୁ, ମୁଁ କଣ କରବ, ପୁର୍ ପଇସା ଗଲା ପାଣିରେ ! ଆରେ କଣ ମୁଁ କହବ ! ! ! ଶୁଣିଲ କୁଆଡ଼େ ଅନୀତା ମ, ସେ କୁଆଡ଼େ ସବୁ ଫୋଟ ଫେସେବୁକୁରେ ଛୁଡ଼ିଥିଲା, ଆଉ ତା ନଂ ଦେଇଥିଲା ତାକୁ ଅଜଣା ନଂ ଫୁଓନ୍ ଆସୁଛ, ସେଥିପାଇଁ ସେ ତା ଆକାଉଣ୍ଟ ନେଟରୁ ହଟେଇ ନଂ ବଦଳେଇ ଦେଇଛ।

ସବୁ ଝିଅ, ମାଙ୍କୁ ମୁଁ କହୁଛ , ଇଣ୍ଟରନେଟ୍‌ରେ ଫଟୋ ଅପଲୋଡ଼ କରନ୍ତୁ ନାହିଁ କ ନଂ ରଖନ୍ତୁଁ ନାହିଁ । କାରଣ ଏଇସବୁ ଜନଷ ଅଯଥାରେ ଟେନ୍‌ସନ ଦେବ ।।।।।।





# ପ୍ରିୟା



ଶ୍ରୀ ସୂର୍ଯ୍ୟକାନ୍ତ ଦାଶ

ଭଲପାଇବାର ମଞ୍ଜିଟିଏ
ପୋତଥିଲ ତୁମେ ମୋ ମନରେ
ଅଙ୍କୁରୋଦ୍‌ଗମ୍ ପାଇଁ ସମସ୍ତ
ଉପଗ୍ରହ ମଧ୍ଯ କରଥିଲ
ସୃଷ୍ଟି କରଥିଲ ଅନୁକୁଳ ପରିବେଶ
ସତରେ ସେ ମଞ୍ଜିଟି, ଏହ ତ
ଅଳ୍ପ କେଇ ଦିନ ଭିତରେ
ବାହାର ଆସିଥିଲା ମାଟି ଫଟେଇ
କୁନି କୁନି କଅଁଳିଆ ପତ୍ର ଦେଇ
କେତେବେଳେ ମହାଦୃମରେ ପରିଣତ
ହୋଇଯାଇଥିଲା ଜଣାପଡ଼ି ନଥିଲା
ସମ୍ପର୍କର ସରଳ ସୁତ୍ରରେ ବାନ୍ଧି ଦେଉଥିଲେ
ତୁମ ଭଲପାଇବାର ବାନ୍ଧିହୋଇ
ବିଶାଳ କାୟା ବିସ୍ତାରିଲା
ସମ୍ପର୍କର ଛୋଟ ମଞ୍ଜିଟି
ସତରେ ପ୍ରିୟା ତୁମଠାରୁ ଶିଖିଥିଲ ଭାଲପଇବା
ବୋଧହୁଏ ଶିହରିତ କରଥିଲ ତୁମେ
ତୁମ ଓଠର ଉଷ୍ଣତାରେ ପ୍ରଥମେ
ସେବେଠାରୁ ତୁମଠାରୁ ହିଁ ଶିଖିଥିଲ
ନାରୀ ଓ ପୁରୁଷ ଭିତରେ ପ୍ରଭେଦ
ଓ ଏତେ ଆକର୍ଷଣ କାହିଁକି ...
ଯୌବନର ପ୍ରଥମ ସ୍ପର୍ଶ ତୁମେ
ହେ ପ୍ରିୟା ଏବେବି ତୁମେ ମୋର
ଏକାନ୍ତ ଓ ସାନ୍ତ୍ୱଧର ଛାୟା ...

ସାକ୍ଷିଗୋପାଳ,ସୁଆଣ୍ଡୋ, ପୁରୀ

# ବ୍ୟଙ୍ଗକବିଙ୍କ ଉପହାର



ଡଃ କୁଳାଙ୍ଗାର



## ଥ୍ୟାଙ୍କ୍ ୟୁ ଆଳୁ

ଚିଠି ଲେଖିଲି ପଢିଲାନାଇଁ
ଗୋଲାପ ଦେଲି ଧରିଲାନାଇଁ ।

ପ୍ରେମକୁ ମୋର ଗୋଇଠାମାରି
ସାରିଥିଲା କୋଉକାଳୁ;
ଏବେ ହସିହସି ଗାଡ଼ି ଅଟକାଏ
ପଛେ ଦେଖି ବସ୍ତେ ଆଳୁ ।

ସ୍ନେହେ କୁଳାଙ୍ଗାରକୁ ଡାକି କୁଲୁ,
କହୁଚି-ଆସୁନ ଗପସପ ହେବା
କଣ କରିବ ଘରେଯାଇ ଏତେବେଳୁ !

-ଡଃ. କୁଳାଙ୍ଗାର

## ମହଙ୍ଗା ଚିକିତ୍ସା




ନାଆଁରୁ ମୋତେ ଡାକ୍ତର ଭାବି,
ଅନେକ ଲୋକ ଘରକୁ ଆସି
ଚିକିତ୍ସା ପାଇଁକି କରନ୍ତି ଦାବି ।
ଦିନେ ଜଣେ ଆସି କହିଲା-
ଆଜ୍ଞା ବଢୁ ନାହାନ୍ତି ପୁଅ ଦିଇଟା
ନାଆଁ ଦେଇଚି ସରୋଜ ଓ ଭୋଳୁ;
ମୁଁ କହିଲି-ଅଲ୍‌ବତ ବଢିବେ
ନାଆଁଟା ତାଙ୍କର ବଦଳେଇ
ରଖ ପିଆଜ ଓ ଆଳୁ ।

-ଡଃ. କୁଳାଙ୍ଗାର

ନବମ ବର୍ଷ, ପଞ୍ଚମ ସଂଖ୍ୟା
ଅକ୍ଟୋବର ୨୦୧୪





# ସମୟ ସହିତ କିଛି ବାଟ




ମେଘାସନ ସେନାପତି

ଆଗରେ ବହିଚାଲିଛି ବିଶାଳକାୟ ସମୁଦ୍ର । ଉପରେ କଳାହାଣ୍ଡିଆ ମେଘରେ ଆଚ୍ଛାଦିତ ଆକାଶ। ରାତି ବଢିବା ସଙ୍ଗେ ସଙ୍ଗେ ବଢିଚାଲିଛି ଅନ୍ଧକାର। ସଂସାରିକ ଦୁଃଖ କ୍ଲେଶ ସହିନପାରି ଘର ଛାଡ଼ିଆସି ବେଳାଭୂମିରେ ଥିବା ଏକ ଭଗ୍ନ ପରିତ୍ୟକ୍ତ ନୌକାରେ ଏକା ବସିରହିଛି ମୁଁ। ପ୍ରକୃତିର ଭୟଙ୍କର ରୂପ ମନରେ ଆଣୁଥିଲା ଅପୂର୍ବ ଶିହରଣ । ଉପରେ ବିଜୁଳିର ଘନ ଘନ ଆଲୋକ ତଥା ବଜ୍ରପାତର କାଠୋର ଶବ୍ଦରେ ଥରି ଉଠୁଥିଲା ପ୍ରାଣ।

ନିର୍ଜନ, ଅନ୍ଧକାର ଓ ଭୟଙ୍କର ରାତିରେ ମୋତେ ଲାଗୁଥିଲା ସମ୍ପୂର୍ଣ୍ଣ ଏକା ଏକା। ମନ ହୋଇ ପଡୁଥିଲା ଅତ୍ୟନ୍ତ ଅଶାନ୍ତ ଓ ଅସ୍ଥିର। ମନରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ। କେତେ ଦୁଃଖପୁର୍ଣ୍ଣ ଏ ମଣିଷ ଜୀବନ ତାହା ଭାବି ମନ ହେଉଥିଲା ବିଚଳିତ। ସତେ ଲାଗୁଥିଲା ବାସ୍ତବରେ ଏ ମଣିଷ ଜୀବନ ହିଁ ସବୁଠାରୁ ଦୁଃଖପୂର୍ଣ୍ଣ !!! ଏହିପରି ସମୟ ଅତିବାହିତ ହେବା ସମୟରେ ଅନ୍ଧାର ରାତିରେ ହଠାତ ଦେଖାହେଲା କିଏ ଜଣେ ମୋ ଆଡ଼କୁ ଆସୁଛି। ଦୂରରୁ ଲାଗୁଥିଲା ସତେ ଯେମିତି ହାତରେ ଧରିଛି ଦୀପଟିଏ। ଆଲୋକ କ୍ରମଶଃ ମୋ ଆଡ଼କୁ ନିକଟତର ହେବାକୁ ଲାଗିଲା। ମୁ ଚମକି ପଡ଼ି ପଚାରି ବସିଲି 'କିଏ ତୁମେ ? ଏତେ ରାତିରେ କୁଆଡ଼େ ଆସିଛ ? କ'ଣ ଅବା ତୁମର ଅଭିପ୍ରାୟ ?' ଉତ୍ତର ମିଳିଲା ମୁ 'ସମୟ' ଆସିଛି ତୁମକୁ ନେଇଯିବାକୁ 'ସମୟ ଯନ୍ତ୍ର' ସାହାଯ୍ୟରେ ୧୦୦ ବର୍ଷ ଅତୀତକୁ। ମୁଁ ବିବ୍ରତ ହୋଇ ପଚାରିଲି 'କିନ୍ତୁ କାହିଁକି କଣ ପାଇଁ ?' ମୃଦୁ ହସ ସମୟ ମୁହଁରେ ପ୍ରସ୍ଫୁଟିତ ହେଲା ଓ ସେ ଉତ୍ତର ଦେଲେ --- 'ଯେଉଁ ସବୁ ମଣିଷ ଜୀବନ କଥା ଭାବୁଛ ସେହି ସବୁ ଦେଖିବାପାଇଁ। ଦେଖିବାପାଇଁ ଏକ ମାନବ ଓ ତାର ପରିବାରର ଲୋମହର୍ଷକ କାହାଣୀ। ଦେଖିବା ସମୟ ସ୍ରୋତରେ ତାର ଗତି ଓ ସେ ସମୟରେ ସେ ପାଇଥିବା 'ସୁଖ ଦୁଃଖ, ଶାନ୍ତି ଅଶାନ୍ତି ଓ ହର୍ଷ ବିଷାଦ'। ଜାଣିବା ବାସ୍ତବ ସୁଖ କଣ ? ଓ ତାହା କେମିତି ପାଇବା ପ୍ରକୃତ ସୁଖ।'

ଏହାପରେ ଆମ୍ଭେ ପହଞ୍ଚିଛୁ 'ସମୟ ଯନ୍ତ୍ର' ନିକଟରେ ଓ ଆରମ୍ଭ କରିଛୁ ଆମ୍ଭର ଦୂରଯାତ୍ରା। ଯାତ୍ରା କରିବା ସମୟରେ କେତେବେଳେ ମୁଁ ନିଦ୍ରାର ବଶବର୍ତ୍ତୀ ହୋଇଯାଇଛି ମୁ ଜାଣିପାରି ନାହିଁ। କେତେ ଦୂର ଆମ୍ଭେ ଯାତ୍ରା କରିଛୁ ଓ କେମିତି ଯାତ୍ରା କରିଛୁ ତାହା ମୋତେ ସମ୍ପୂର୍ଣ୍ଣ ଅଜଣା। ସକାଳ ସୂରୁଜର ଉଷ୍ମ କିରଣରେ ମୋ ନିଦ ଭାଙ୍ଗିଯାଇଛି। ଉଠି ଦେଖିଲି ତ






ମୋତେ ଆଶ୍ଚର୍ଯ୍ୟ ଲାଗିଲା କାରଣ ସମୟ ଯନ୍ତ୍ର ବନ୍ଦ ଅବସ୍ଥାରେ ଥିଲା ଓ ମୋ ସାଙ୍ଗରେ ଥିବା ବନ୍ଧୁ ସମୟ ମଧ୍ୟ ମୋ ପାଖରେ ନଥିଲେ।

ସମୟ ଯନ୍ତ୍ରରୁ ବାହାର ଦେଖିଲି ତ ମୋ ମନ ଅତ୍ୟନ୍ତ ପ୍ରସନ୍ନ ହୋଇପଡ଼ିଲା। ଏହାର କାରଣ ଥିଲା ସେଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ। ସମୟଙ୍କ ଅନୁସନ୍ଧାନରେ ଆଗକୁ ମାଡ଼ି ଚାଲିଲି। କିଛି ବାଟ ଚାଲିଲା ପରେ ଦେଖିଲି ଯେ ନଦୀ ତୀରରେ ବସିଛନ୍ତି ସମୟ। ମୁ ଗଲି ଓ ତାଙ୍କ ନିକଟରେ ବସିଗଲି। ଉପଭୋଗ କଲି ଚାରିପାର୍ଶ୍ୱରେ ଥିବା ଚିରସବୁଜ ବୃକ୍ଷରାଜି। କୋଳାହଳ ଶୂନ୍ୟ ପରିବେଶ, ନିର୍ଝରିଣୀର କୁଳୁ କୁଳୁ ନାଦ ମନରେ ଆଣୁଥିଲା ଅପୂର୍ବ ଆନନ୍ଦ। ମନେ ମନେ ଭାବୁଥିଲି 'ଜୀବନ ଏହିପରି ଶାନ୍ତିପୂର୍ଣ୍ଣ ହୋଇ ନଥାନ୍ତା ସତେ ?' ଏହାପରେ ମୁ ପ୍ରଶ୍ନ କଲି ବନ୍ଧୁ 'ଆମ୍ଭେ ଏବେ କେଉଁଠି ?' ଧୀର ସ୍ୱରରେ ଉତ୍ତର ମିଳିଲା ଆମ୍ଭେ 'ଭାରତ ଉପମହାଦେଶର ପାଦଦେଶ ଥିବା ଉତ୍କଳ ପ୍ରଦେଶରେ ପହଞ୍ଚିଛନ୍ତି।

ସେ ଦିନ ଥିଲା ୧୮୭୦ ସାଲ୍ ଚୈତ୍ର ମାସ ୧୨ ଦିନ। ଜଙ୍ଗଲ ପାରହୋଇ ଆମ୍ଭେ ଯାଇ ପହଞ୍ଚିଲୁ ଚନ୍ଦନପୁର ଗ୍ରାମରେ। ସେଦିନ ଥିଲା ପବିତ୍ର ଦୋଳ ପୂର୍ଣ୍ଣିମା, ପବିତ୍ର ରଙ୍ଗ ଖେଳରେ ମତୁଆଲା ଥିଲା ପୁରା ଗ୍ରାମ। ଗ୍ରାମ ପରିଭ୍ରମଣ କଲା ସମୟରେ ଆମ୍ଭେ ଲକ୍ଷ୍ୟ କଲୁ ଯେ ପଣ୍ଡିତ ଜୟକୃଷ୍ଣଙ୍କ ଘର ଶ୍ରୀହୀନ ଦିଶୁଥିଲା। ଲୋକଙ୍କଠାରୁ ଶୁଣିବାକୁ ପାଇଲୁ ଯେ ଜୟକୃଷ୍ଣ ଓ ତାଙ୍କ ଧର୍ମପତ୍ନୀ ମାତା ଅମୃତାମୟୀ ବିବାହର ୧୨ ବର୍ଷ ବିତି ଯାଇଥିଲେ ମଧ୍ୟ ସନ୍ତାନ ସୁଖରୁ ବଞ୍ଚିତ ଥିଲେ ତାଙ୍କ ପରିବାର। ଭଗବାନ ଶ୍ରୀବିଷ୍ଣୁଙ୍କର ଜଣେ ପ୍ରଗାଢ଼ ଭକ୍ତ ତଥା ତାଙ୍କ ମନ୍ଦିରର ମୁଖ୍ୟ ପୂଜକ ଥିଲେ ପଣ୍ଡିତ ଜୟକୃଷ୍ଣ।

ବିଧିର ବିଧାନ ଅତି ବିଚିତ୍ର ଭଗବାନଙ୍କ କୃପାରୁ ଅମୃତାମୟୀ ଥିଲେ ଗର୍ଭବତୀ। ସେଦିନ ସନ୍ଧ୍ୟାରେ ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଓ ରାଧା ବିମାନରେ ବିରାଜମାନ କରି ମଣ୍ଡପରେ ବିରାଜିତ ହେଲେ ଠିକ ସେହି ସମୟରେ ଅମୃତାମୟୀଙ୍କ ପ୍ରସୂତି ବେଦନା ଆରମ୍ଭ ହେଲା। ଶ୍ରୀହରିଙ୍କ କୃପାରୁ ସେ ଜନ୍ମ ଦେଇଥିଲେ ଏକ ସୁନ୍ଦର ସୁଶୀଳ ପୁତ୍ର ସନ୍ତାନକୁ। ବୈଷ୍ଣବ ଜୟକୃଷ୍ଣ ବହୁତ ଭାବି ପୁତ୍ରର ନାମ ରଖିଲେ ପଦ୍ମନାଭ।

ପୁତ୍ର ସନ୍ତାନର ଜନ୍ମ ହେବା ସହିତ ପଣ୍ଡିତଙ୍କ ଭାଗ୍ୟଚକ୍ରରେ ଆସିଥିଲା ବଡ଼ଧରଣର



ପରିବର୍ତ୍ତନ। ଯେଉଁ ନିକଟସ୍ଥ ଗ୍ରାମଗୁଡିକର ଲୋକେ ତାଙ୍କଘରକୁ ନଜର ସୁଧା ପକେଇବାକୁ ଅଶୁଭ ମାନୁଥିଲେ ସେମାନେ ପଣ୍ଡିତଙ୍କୁ ଦେଖେଇଥିଲେ ଅହେତୁକ ଶ୍ରଦ୍ଧା। ଜଣେ ଜ୍ଞାନୀ, ଭଗବାନ ଶ୍ରୀବିଷ୍ଣୁଙ୍କର ସତ୍ୟନିଷ୍ଠ ପୂଜକ ଭାବରେ ତାଙ୍କର ଯଶ ଓ ଖ୍ୟାତି ଚାରିଆଡେ ବ୍ୟାପି ଯାଇଥିଲା। ଏହି ପରି ବୃଦ୍ଧି ପାଉଥିବା ସୁନାମ ତାଙ୍କ ଭାଇ ଓ କିଛି ବନ୍ଧୁମାନଙ୍କ ମନରେ ଇର୍ଷାକୁ ଜନ୍ମଦେଇଥିଲା।

ବାଳକ ପଦ୍ମନାଭ ବହୁତ ସୁନ୍ଦର ପାଠ ପଢୁଥିଲେ। ତୁଳସୀ ଦୁଇ ପତ୍ରରୁ ବାସିବା ପରି ତାଙ୍କ ଜ୍ଞାନର ପ୍ରତିଭା ଚାରିଆଡ଼େ ବିଚ୍ଛୁରିତ ହୋଇଥିଲା। ତୃତୀୟ ଓ ପଞ୍ଚମ ଶ୍ରେଣୀରେ ସେ ସରକାରୀ ମେଧାବୃତ୍ତି ପାଇବାପାଇଁ ମନୋନୀତ ହୋଇଥିଲେ। ନିଜ ଗ୍ରାମର ପ୍ରଥମ ମାଇନର ଏବେକାର ସପ୍ତମ ଶ୍ରେଣୀ ପଢ଼ିବାର ସୌଭାଗ୍ୟ ଲାଭ କରିଥିଲେ ସେ ।

ଭାଗ୍ୟଖେଳ ଥିଲା ଅତି ବିଚିତ୍ର । ପଦ୍ମନାଭଙ୍କ ଭାଗ୍ୟରେ ପିତୃସୁଖ ବୋଧହୁଏ ବେଶିଦିନ ନଥିଲା କହିଲେ ସମୟ । ମୁଁ ଆଶ୍ଚର୍ଯ୍ୟହୋଇ ପଚାରିଲି, 'ଏମିତି କିପରି ହେଲା ?' ସମୟ କହିଲେ ଦେଖିଚାଲ ଆଗକୁ କଣ ସବୁ ଘଟଣା ଘଟୁଛି ।


ଦିନକର ଘଟଣା ସେଠାରୁ ୧୮ କୋଶ ଦୂର ନିମେଇପୁର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥିଲା ଓ ପଣ୍ଡିତ ଜୟକୃଷ୍ଣଙ୍କୁ ମୁଖ୍ୟ ପୁରୋଧା ତଥା ପୂଜକ ଭାବେ ନିମନ୍ତ୍ରଣ କରାଯାଇଥିଲା ।

'ଦେଖ ଭାଗ୍ୟ କେମିତି ଖେଳୁଛି ଖେଳ
କେତେବେଳେ କାହାର ପୂରିବ କାଳ ।'

ନିମେଇପୁର ଗ୍ରାମକୁ ଯିବା ବାଟରେ ତାଙ୍କ ଭାଇ ଓ କିଛି ଈର୍ଷ୍ୟାନ୍ୱିତ ବନ୍ଧୁ ତାଙ୍କୁ ଅତି ନିର୍ମମ ଓ ନୃଶଂସ ଭାବରେ ହତ୍ୟାକଲେ । ନିକଟସ୍ଥ ବୃକ୍ଷରେ ତାଙ୍କ ଶରୀରକୁ ଗାମୁଛାରେ ବାନ୍ଧି ଟାଙ୍ଗିଦେଲେ ଯେପରି ଲାଗିବ ଯେ ସେ ଆତ୍ମହତ୍ୟା କରିଛନ୍ତି।

ମୁ ସମୟକୁ ପ୍ରଶ୍ନ କଲି, 'ଦେଖିଲ ତ !!! ଏହା କଣ ଶାନ୍ତିପୂର୍ଣ୍ଣ ମଣିଷ ଜୀବନ ?' ସମୟ ନୀରବ ରହିଲେ ।

କିଛି ସମୟ ପରେ ଆମ୍ଭେ ଗ୍ରାମଆଡ଼େ ଗଲୁ ଦେଖିବା ପାଇଁ ସେଠାକାର ପରିବେଶ ।



ସେତେବେଳକୁ ଗ୍ରାମରେ ପଣ୍ଡିତଙ୍କ ଆତ୍ମହତ୍ୟାର ଖବର ପହଞ୍ଚି ଯାଇଥିଲା। ପଣ୍ଡିତଙ୍କ ଘରେ ଯାହା ଦେଖିଲୁ ସେଥିରେ ଆମ୍ଭେ ଚକିତ ହୋଇପଡ଼ିଲୁ କାରଣ ଯେଉଁ ଭାଇ ପଣ୍ଡିତଙ୍କୁ ମୃତ୍ୟୁର ପାଦଦେଶରେ ପହଞ୍ଚେଇ ଦେଇଥିଲେ ସେହି ଭାଇ ଗ୍ରାମବାସୀଙ୍କ ସହ ମିଶି ବଡ଼ଭାଇଙ୍କ ମୃତ୍ୟୁ ପାଇଁ ଭାଉଜଙ୍କୁ ଦୋଷାରୋପ କରୁଥିଲେ । ଶେଷରେ ଅମୃତାମୟୀ ଓ ତାଙ୍କ ପୁତ୍ର ପଦ୍ମନାଭଙ୍କୁ ଗ୍ରାମରୁ ବାସନ୍ଦ କରଗଲା । ତାଙ୍କ ସ୍ୱାମୀଙ୍କର ଥିବା ଜମିବାଡ଼ିକୁ ତାଙ୍କ ଦିଅର ହଡ଼ପ କରନେଲେ ।

ଶେଷରେ ଦୁଃଖରେ ମ୍ରିୟମାଣ ହୋଇ ଚାଲି ଆସିଥିଲେ ନିଜ ପୈତୃକ ସମ୍ପତ୍ତି ହିସାବରେ ପାଇଥିବା ନିକଟସ୍ଥ ଗ୍ରାମ ମଧୁପୁରରେ ଥିବା ଘରକୁ । ଅମୃତାମୟୀ ମନେ ମନେ ଦୃଢ଼ ପ୍ରତିଜ୍ଞାକଲେ ଯେ ତାଙ୍କ ପୁତ୍ରଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବେ । ପଦ୍ମନାଭ କିନ୍ତୁ ଏ ବିଷୟରେ ନ ଭାବି ନିଜ ପଢ଼ା ପଢ଼ିରେ ଗୁରୁତ୍ୱ ଦେଇଥିଲେ । ଦିନେ ଅମୃତମୟୀ ତାଙ୍କ ଇଚ୍ଛା ବିଷୟରେ ପୁତ୍ରକୁ ଜଣେଇଲେ କିନ୍ତୁ ପୁତ୍ରର ଭାବନା ଥିଲା ଅଲଗା । ପୁଅ ମାଙ୍କୁ ବୁଝେଇଲା, 'ମା ହାତରେ ମାରିବା ସହଜ ହେଇପାରେ, କିନ୍ତୁ ଏହିପରି କଲେ ତାଙ୍କ ଓ ଆମ ଭିତରେ କିଛି ପ୍ରଭେଦ ରହିବନି। ଯେଉଁ ଈର୍ଷ୍ୟା ଓ ଅହଂ ଭାବ ଯୋଗୁଁ ଆମ୍ଭ ପିତାଙ୍କୁ ମାରିଛନ୍ତି ଆମ୍ଭେ ଏମିତି କାମ କରିବା ଯେ ସେମାନେ ଈର୍ଷାର ଅଗ୍ନିରେ ଜଳି ପୋଡ଼ି ପାଉଁଶ ହୋଇଯିବେ । ଏହାହିଁ ହେବ ପ୍ରକୃତ ପ୍ରତିଶୋଧ ।'

ସେଦିନ ମାଆକୁ ଦେଇଥିବା କଥା କାମରେ କରି ଦେଖେଇଛନ୍ତି ପଦ୍ମନାଭ। ନିଜ ଗ୍ରାମରେ ଥିବା ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି ସେ । ଦିନକୁ ଦିନ ଜଣେ ଉତ୍ତମ ସଚ୍ଚୋଟ ସୁଶିକ୍ଷକ ଭାବେ ଉଭା ହୋଇଛନ୍ତି ଆଚାର୍ଯ୍ୟ ପଦ୍ମନାଭ ।

ସମୟ ବଢ଼ିବା ସଙ୍ଗେ ସଙ୍ଗେ ଯୁବାବସ୍ଥାରେ ଉପନୀତ ହୋଇଛନ୍ତି ପଦ୍ମନାଭ। ତାଙ୍କର ବିବାହ ଠିକ ହୋଇଛି ନିକଟସ୍ଥ ଗ୍ରାମ ବିଦେଇପୁରର ସଂସ୍କୃତ ପଣ୍ଡିତ ରାଧାବଲ୍ଲଭଙ୍କ ଏକମାତ୍ର କନ୍ୟା ଶଶିକଳା ସହ। ବିବାହର କିଛିଦିନ ପରେ ମାଆ ଅମୃତମୟୀ ଇହଧାମ ତ୍ୟାଗ କରିଛନ୍ତି। ବିବାହ ପରେ ପଦ୍ମନାଭ ଓ ଶଶିକଳାଙ୍କ ଔରସରୁ ଜନ୍ମ ନେଇଛନ୍ତି ଦୁଇ ସନ୍ତାନ। ବଡ଼ଝିଅ ପଦ୍ମାବତୀ ଓ ସାନପୁଅ ଦୁର୍ଗାଚରଣ। ସମୟର ଅଗ୍ରଗତି ସହ ପାଠପଢ଼ା ବୟସରେ

ଉପନୀତ ହେଲେ ଭାଇ ଓ ଭଉଣୀ ।

ସେତେବେଳର ସମାଜ ପୁରୁଷକୈନ୍ଦ୍ରିକ ହୋଇଥିବାରୁ ଝିଅ ପଦ୍ମାବତୀର ପାଠପଢ଼ା ଆରମ୍ଭ ହେବା ଆଗରୁ ଶେଷ ହୋଇ ଯାଇଥିଲା। କିନ୍ତୁ ପୁଅର ପାଠପଢ଼ାରେ ଅବହେଳା କରି ନ ଥିଲେ ପଦ୍ମନାଭ ।

ନିଜ ବାପାଙ୍କ ପରି ଦୂର୍ଗାଚରଣ ପାଠପଢ଼ାରେ ସବୁବେଳେ ଆଗରେ ରହୁଥିଲେ । ତୃତୀୟ, ପଞ୍ଚମ ତଥା ସପ୍ତମରେ ସରକାରୀ ମେଧାବୃତ୍ତି ପାଇବା ପାଇଁ ମନୋନୀତ ହେବା ସଙ୍ଗେ ସଙ୍ଗେ ନିଜ ଶିକ୍ଷା ଜିଲ୍ଲାରେ ପ୍ରଥମ ହୋଇଥିଲେ । ବୃତ୍ତି ପାଇବା ପରେ ଉଚ୍ଚତର ଶିକ୍ଷା ପାଇଁ ସହରରେ ଥିବା ଉଚ୍ଚବିଦ୍ୟାଳୟ 'ମାଆ ଭଗବତୀ ଉଚ୍ଚବିଦ୍ୟାଳୟ'ରେ ନାମ ଲେଖେଇଥିଲେ । ପାଠପଢ଼ା ସହ ଦୂର୍ଗାଚରଣଙ୍କ ଆଗ୍ରହ ବ୍ୟବହାର ବହୁତ ସୁନ୍ଦର ଥିଲା । ସେଥିପାଇଁ ସେ ସେଠାରେ ଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାର ଭାଜନ ହୋଇପାରିଥିଲେ ।

ଦିନକର ଘଟନା ସ୍କୁଲ ନିରୀକ୍ଷଣ ପାଇଁ ସ୍କୁଲ ନିରୀକ୍ଷକ ଆସିଥିଲେ ଭଗବତୀ ବିଦ୍ୟାପୀଠକୁ ଓ ସେ ହଠାତ ପ୍ରବେଶ କରିଥିଲେ ଦୂର୍ଗାଚରଣଙ୍କ ଶ୍ରେଣୀକକ୍ଷରେ । ତାଙ୍କ ସହ ପ୍ରବେଶ କରିଥିଲେ ପ୍ରଧାନ ଶିକ୍ଷକ । ପିଲାମାନଙ୍କୁ ପରଖିବାକୁ ଯାଇ ସେ ଦେଇଥିଲେ ଗଣିତଶାସ୍ତ୍ରର ଏକ ଜଟିଳ ପ୍ରଶ୍ନ । ଏହି ସମୟରେ ବାଳକ ଦୁର୍ଗାଚରଣ ଉଠି ପଡି କହିଲେ, 'ସାରେ ଏଟା କଣ ଅଙ୍କ ? ଏତେ ସହଜ ଗଣିତ କଣ ପିଲାଙ୍କୁ ଦିଆ ଯାଏ ?' ପ୍ରଧାନ ଶିକ୍ଷକ ଆଶ୍ଚର୍ଯ୍ୟ ହୋଇ ଅନେଇଥିଲେ ବାଳକ ଦୁର୍ଗାର ମୁହଁକୁ ଓ ମନେ ମନେ ନିଶ୍ଚିତ ହେଇଗଲେ ଯେ ଆଜ ତାଙ୍କର ଗୁଜର ଗଲା । ଆଚମ୍ବିତ ତଥା ମନେ ମନେ ରାଗି ଦୂର୍ଗାକୁ ସମାଧାନ କରିବା ପାଇଁ କହିଲେ ନିରୀକ୍ଷକ। ଦୂର୍ଗା ମଧ୍ୟ ଚଟାପଟ ପ୍ରଶ୍ନର ସମାଧାନ କରି ଦେଖେଇଦେଲେ । ନିରୀକ୍ଷକ ଦୁର୍ଗାର ମେଧାରେ ଅତ୍ୟନ୍ତ ଖୁସିହୋଇ ତାର ସମସ୍ତ ପାଠପଢ଼ା ଖର୍ଚ୍ଚ ବହନ କରିବେ ବୋଲି ନିଷ୍ପତ୍ତି ନେଲେ ।

ଶେଷରେ ସେଦିନର ବାଳକ ଦୁର୍ଗା 'ଗଣିତ ବିଶାରଦ ପଣ୍ଡିତ ଦୁର୍ଗାଚରଣ' ଭାବରେ ଖ୍ୟାତି ଓ ଯଶ କମେଇଲେ। ସାରାଜୀବନ ଅବିବାହିତ ରହି ଗଣିତର ଉଚ୍ଚତର ଗବେଷଣା କରି

ଖାଲି ନିଜ ଅଞ୍ଚଳ ନୁହେଁ ବରଂ ଦେଶ ବିଦେଶରେ ପ୍ରସିଦ୍ଧ ହୋଇପାରିଲେ ।

ନିଜ ଭଉଣୀ ପାଠ ପଢ଼ିନଥିଲେ ବି ଜଣେ ଜ୍ଞାନି ପଣ୍ଡିତଙ୍କ ବୋହୁ ହେବାର ମର୍ଯ୍ୟାଦା ଲାଭ କରିଥିଲେ। ଏ ପ୍ରକାରର ସଫଳତା ଦେଖି ତାଙ୍କ ବୃଦ୍ଧ ପିତା ପଦ୍ମନାଭ ଓ ମାତା ଶଶିକଳା ଭୁଲି ଯାଇଥିଲେ ନିଜ ପିତା ପାଇଥିବା ଦାରୁଣ ଦୁଃଖକୁ। ପାର୍ଥିବ ସୁଖ ନୁହଁ ବରଂ ନିଜ ପୁତ୍ରର ସଫଳତାରେ ଖୁସି ପାଉଥିଲେ ସେମାନେ ।

ଏତକ ଦେଖି ସମୟ ଓ ମୁଁ ଆମ୍ଭର ଯାତ୍ରା ଶେଷ କଲୁ ଓ ଗ୍ଲଲୁ ସମୟ ଯନ୍ତ୍ର ନିକଟକୁ । ସେଥିରେ ବସି ସମୟ ମୋତେ ବୁଝେଇଲେ, 'ଏ ସଂସାର ହେଉଛି ମିଛର ଏକ ପ୍ରହେଳିକା । ସେ ପ୍ରହେଳିକା ମଧ୍ୟରେ 'ଟିକେ ଆଶା ଅଭିଳାଷର ଚରିତାର୍ଥ ପାଇଁ ','ଶରୀରର ସୁଖ ପାଇଁ ', 'ବାସନାର ତୃପ୍ତି ପାଇଁ' ଆମ୍ଭେ କରିଗ୍ଲଛନ୍ତି କେତେ କର୍ମ ଓ ଦୁଷ୍କର୍ମ । ପାର୍ଥିବ ସୁଖ ପାଇଁ ଆମେ ଦୌଡୁଛନ୍ତି ସତ କିନ୍ତୁ ଜାଣି ପାରୁନୁ ଯେ ଏହି ସୁଖ କେବଳ ଅପ୍ରକୃତ ।' ଶୁଣି କରି ମୁ ପ୍ରଶ୍ନ କଲି, 'ତା ହେଲେ ପ୍ରକୃତ ସୁଖର ରହସ୍ୟ କଣ ?? କେମିତି ଦୂରେଇବା ଏହି ଦୁଃଖକୁ ?' ଉତ୍ତରରେ ଶୁଣିଲି, 'ଅଶାର ବିନାଶ ହିଁ ଦୁଃଖର ବିନାଶ। ଆଶହୀନ ପ୍ରାଣର ସୁଖପରି ଆଉ ସୁଖ ନାହିଁ। ପାର୍ଥିବ ଆଶା ଓ କାମନାକୁ ସବୁବେଳେ ଶେଷ କରିବା ପାଇଁ ଉଦ୍ୟମ କରିବା ଉଚିତ।'

ଏହାପରେ ଆମ୍ଭେ ପହଞ୍ଚି ଯାଇଛୁ ସେହି ସମୁଦ୍ର କୂଳରେ ଯେଉଁଠାରୁ ଆମ୍ଭେ ଆରମ୍ଭ କରିଥିଲୁ ଆମ୍ଭର ଯାତ୍ରା । ଏହା ପରେ ସମୟ ମୋ ଠାରୁ ବିଦାୟ ନେଇଛନ୍ତି କିନ୍ତୁ ମୋତେ ଶିଖେଇ ଦେଇଛନ୍ତି ଜୀବନର ପ୍ରକୃତ ମୂଲ୍ୟକୁ। ଝଡ଼ ଥମିଯାଇଥିଲା ଓ ମୁଁ ଫେରିବାକୁ ଲାଗିଲି ନିଜ ଘରକୁ କିନ୍ତୁ ଏକ ନୂଆ ଚିନ୍ତାଧାରାକୁ ନେଇ । ବାସ୍ତବରେ

'ଆମ୍ଭ ପାଖେ ଥାଉ ପଛେ ଟଙ୍କା ହଜାର ,
ପାର୍ଥିବ ମୋହ ଥିଲେ ସବୁ ଯିବ ଅସାର ।'



# ମୋ ପ୍ରେମ କାହାଣୀ



ଅନୁପମ ବେହେରା

ମୋ ପ୍ରେମ କାହାଣୀ...
ବହୁତ ଥର ଭାବିଛି
ଲେଖିବାକୁ କବିତାଟେ ତାକୁ ନେଇ
କିନ୍ତୁ ହାତ ଥରେ
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ଭରି ଅଡୁଆତଡୁଆ ସେଇଟା
ସଜାଡିବାକୁ ବହୁତ ଚେଷ୍ଟା କରେ
କିନ୍ତୁ କିଛି ଲାଭ ମିଳେନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ବହୁତ ଅଙ୍କାବଙ୍କା ନଇଟିଏ ପରି
ତା ବାଟରେ ସେ ମାଡିଯାଏ
ଚେଷ୍ଟା କଲେ ବି ରୋକି ହୁଏନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ରାସ୍ତାରେ ବୁଲୁଥିବା ପାଗଳଟି ପରି
ତାର ନ ଥାଏ ପରିଚୟ
ଆଉ ଖୋଜିଲେ ବି ମିଳେନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ଅଡୁଆତଡୁଆ ଗୋଟେ ସୁତାଗୁଳା ପରି
ସମୟ ନଷ୍ଟ ହୁଏ ତା ପାଇଁ
ତଥାପି ସେ ଗଣ୍ଠି ଫିଟେନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ବାଟ ଭୁଲି ଗଲୁଥିବା ବାଟୋଇଟି ପରି
ଜଣାଥାଇ ବି ଗନ୍ତବ୍ୟ ସ୍ଥଳ
ସେ ପହଞ୍ଚିପାରେନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
କଥା କହିପାରେନା ଶିଶୁଟିଏ ପରି
ମନକଥା କହେ ଆଖି ଲୁହରେ
ତଥାପି କିଛି ବୁଝି ହୁଏନା
କାହିଁକି କେଜାଣି ।

ମୋ ପ୍ରେମ କାହାଣୀ...
ପାଣିରେ ପଡିଥିବା ଶିଉଳିଲଗା ପଥରଟି ପରି
ତା ଉପରେ ଗୋଡ ଦେଲେ ଖସିଯାଏ
ନ ଦେଲେ ଆଉ ପାରିକୁ ଯାଇହୁଏନା
କାହିଁକି କେଜାଣି ।

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ





ମୋ ପ୍ରେମ କାହାଣୀ...

ଚଳଚିତ୍ର ର ନାୟିକାଟି ପରି ବହୁତ ସୁନ୍ଦରୀ

ସମସ୍ତେ ଆଶା କରନ୍ତି ତାକୁ

କିନ୍ତୁ ସେ କାହାର ହୋଇପାରେନା

କାହିଁକି କେଜାଣି ....  ।

ମୋ ପ୍ରେମ କାହାଣୀ...

ପାଦରେ ବନ୍ଧାଥିବା ପାଉଞ୍ଜିଟି ପରି

ଛମ୍ ଛମ୍ ଶବ୍ଦରେ ମନ ମୋହିନିଏ

କିନ୍ତୁ ସାତ ସୁର ସେଥିରେ ଥାଏନା

କାହିଁକି କେଜାଣି  ।

ମୋ ପ୍ରେମ କାହାଣୀ...

ଏଣୁତେଣୁ ଲେଖା କିଛି ଶବ୍ଦଗୁଡା ପରି

ପଢିବାକୁ ଭଲ ଲାଗେ ସେସବୁ

କିନ୍ତୁ ତାର କିଛି ଅର୍ଥ ଥାଏନା

କାହିଁକି କେଜାଣି  ।


ମୋ ପ୍ରେମ କାହାଣୀ...

ବହୁତ ଥର ଭାବିଛି

ଲେଖିବାକୁ କବିତାଟେ ତାକୁ ନେଇ

କିନ୍ତୁ ହାତ ଥରେ

କାହିଁକି କେଜାଣି  ।





# ନିଶା




ଗିରୀଶ ଚନ୍ଦ୍ର ପଣ୍ଡା

ପିଆଲା ଛୁଇଁନି ମୋ ଓଠ
ନା ଡେଇଁଛି ମଧୁଶାଳାର ଚୌକାଠ,
ତଥାପି ବି ମତୁଆଲା ରଙ୍ଗୀନ ନିଶାରେ
ଅମରୁଲା ଫଳ ଖାଇ ହାତୀ ଝୁଲୁଥିଲା ପରି
ଝୁଲୁଥିଲି ତୁମ କୋଳ ଝୁଲଣାରେ ।

କବରୀ ବାସ୍ନାରେ ତୁମ ବିଭୋରିତ ହୋଇ
ଆଖି ମୁଦି ପିଇ ଥିଲି ତୁମରି ଓଠର ମଧୁ ଅସରନ୍ତି
ଅଭଙ୍ଗ ନିଶାରେ ଲତପତ୍ ମଦମତ୍ତ ପରି
ନିଶାଶକ୍ତ ମଧୁପ ମୁଁ ତୁମ ଓଠ ଗୋଲାପଟି ପାଇଁ ।

ଦିନ ସରୁ ରାତି ସରୁ, ସରୁ ପଛେ ଯୁଗ ଯୁଗାନ୍ତର
ନ ସରୁ ଏ ନିଶା କେବେ ତୁମ ସାଥେ ଜୀବନ ଚକ୍ରର ।
ଯଦି କେବେ ନିଶା କମେ ସମୟର ଅବୁଝା ବିଦ୍ରୁରେ
ଭରିଦିଅ ମୋ ପିଆଲା ତୁମ ଉଷ୍ଣ ଅଧର ସୁରାରେ
ହୁଏଁ ପଛେ କଳଙ୍କିତ ତୁମରି ନିଶାର ନିଶାରେ
କଳଙ୍କ ମୋ ଲିଭିଯିବ ତୁମ ଚିବୁକ ସ୍ପର୍ଶରେ
ଲାଞ୍ଛନା ଅସ୍ତିତ୍ୱ ହାରିବ ତୁମ ଓଠ ଗୋଲପି ରଙ୍ଗରେ ।

ବୁହାଇ ଦିଅଗୋ ତୁମ ଓଠେ ମଧୁର ତଟିନୀ
ଚାହେଁ ତୃପ୍ତି, ଚାହେଁ ମୁକ୍ତି, ମୁଁ ଅନେକ ପିଆଶି,
ତୁମେ ଏକା, ଏ ନିଶାର ମାନସୀ ।



# କେବେ କେବେ




ଅନିଲ୍ କୁମାର ସେଠୀ

କେବେ ସେ ଅଳସୀ ନଈର
ଗଭୀରତାରୁ ବାର ହୋଇ ପଡୁଥିବା ମୁକ୍ତା ଶାମୁକାର
ତ କେବେ ସିଏ କାଶତଣ୍ଡୀ ବନରୁ
ଭସି ଆସୁଥିବା ତେଜ ବାସ୍ନା ରଜନୀଗନ୍ଧାର ।।

କେବେ ସେ ତାତ ବୈଶାଖରେ
ଦେଉଥିବା ଉଷ୍ଣତା ତରୁଲତାର
କେବେ ପୁଣି ବର୍ଷା ଶ୍ରାବଣରେ
ନାଚ ଯାଉଥିବା ସୁନ୍ଦରୀ ମୟୂରୀର ।।

କେବେ ଏଇ ଓଠରୁ ଝରୁଥିବା ସ୍ମିତ ହସରେ
ଟିକେ ହସି ଦୁଃଖକୁ ଭୁଲାଇଦେବାର
ପୁଣି କେବେ ଆଖିର ଲୁହରେ
ଝରିଯାଉଥିବା କଷ୍ଟ ସ୍ମୃତ ଅତୀତର ।।

କେବେ ସେ ସ୍ୱପ୍ନର ବଧୁ
ମୋର ଏଇ ଛୋଟ ଅଗଣାର
କେବେ ପୁଣି ଚୀର ମରୀଚିକା
ଏକ ଅସୀମ ମରୁଭୂମିର ।।



# ନୀଳ ରୁମାଲ୍



ଅରବନ୍ଦ ଆଚାର୍ଯ୍ୟ

କାହିଁକ କେଜାଣି ମୋର ଗୋଟେ ଛୋଟ ଅଭ୍ୟାସ ବହୁଦନରୁ ଦେହସୁହା ହୋଇଯାଇଛ । ଭଲ ଭବନ୍ତୁ ବା ଖରାପ, ମୁଁ ଯଦ ଉପରବେଳା ଟିକେ ବାହାରେ ଖୋଲା ପବନରେ ନ ବସିବ ତା ହେଲେ ସେ ଦନଟା ପାଣିଚଆ ହୋଇଗଲା ପର ଲାଗେ । ଏହ ଉପରବେଳା ଭ୍ରମଣରେ ମୋତେ କେହ ସାଥିଦଅନ୍ତ ନାହିଁ କେବଳ ପାନବଟାଟିକୁ ବାଦ ଦେଲେ ।

ସବୁଦନ ପର ସେ ଦନମଧ ମୁଁ ବାହାର ପଡ଼ିଥିଲ କମିଜଟାକୁ ଦେହରେ ଗଳେଇ । ସମୟ ପ୍ରାୟ ସାଢ଼େ ଚାରଟା ହେଉଥିଲା । ବୁଲୁବୁଲୁ ଯାଇ ବସିଲ ଗୋଟିଏ ଛୋଟ ପାର୍କରେ । ଥଣ୍ଡା ସୁଲୁସୁଲଆ ପବନ ପାଇଁ ଖୁବ୍ ଆରାମ ଲାଗୁଥାଏ । ବସୁ ବସୁ ପାନ କେଇଖଣ୍ଡ ସରଗଲା । ଚାହିଁ ରହଥିଲ ମୁକ୍ତ ଆକାଶ ଆଡ଼କୁ ।

'ଆରେ ତୁ ଏଠି ?' ଶବ୍ଦଟା ମୋର ଖୁବ୍ ପାଖରେ ଶୁଣାଗଲା । ଶବ୍ଦ ଆସୁଥିବା ଦଗକୁ ଚାହିଁଲ ।

'ଆରେ ରବ ! ଆ, ବସ ।' ରବ ବାଁ ପକେଟରେ ହାତ ପୁରେଇ ଠିଆ ହୋଇଥିଲା । ରବ ଆମ ପଡ଼ୋଶୀ ।

'କଣ ବଜାରକୁ ଯାଇଥିଲୁ ?' ମୁଁ ପଚାରଲ ।

'ନା, ଏଇ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲ ।' ସେ କହ ମୋ ପାଖ ସିମେଣ୍ଟ ଚେୟାର ଉପରେ ବସିପଡ଼ିଲା ।

ଆମ କଥାବାର୍ତ୍ତା ଟିକେ ଆଗକୁ ବଢ଼ିଲା । ମୁଁ ଠିକ୍ ପୂର୍ବଭଳ ମୁକ୍ତ ଆକାଶକୁ ଚାହିଁ ରବର କଥାକୁ ବଶ୍ଲେଷଣ କରୁଥିଲ । ରବର ଅନେକ ତରବରଆ କଥା ମଧ ମୋ କାନ ଗ୍ରହଣ କରୁନଥିଲେ ସୁଦ୍ଧା ମୁଁ ତା ମଧରୁ କଛ କଛ ବୁଝିବାରେ ସକ୍ଷମ ହୋଇ ପାରୁନଥିଲ ।

ରବର କଥା ସ୍ରୋତ ହଠାତ୍ ବନ୍ଦ ହୋଇଗଲା ଦେଖି ମୁଁ ମୁହଁ ଫେରଇଲ ତା' ଆଡ଼େ । ଆରେ, ତାପାଖରେ ଆଉ ଜଣେ ଅପରଚତ ଲୋକକୁ ମୁଁ ଆବଷ୍କାର କଲ । ଲୋକଟା କହୁଥିଲା -

'ଆଜ୍ଞା, ମୋତେ ବଶ୍ୱାସ କରନ୍ତୁ, ମୁଁ ବର୍ତ୍ତମାନ କରବ କଣ ?'

'ନା ନା... ମୁଁ ତୁମପର ଅନେକ ଲୋକଙ୍କୁ ଦେଖିଛ । ଯାଅ ଯାଅ ମୋ ପାଖରୁ ସେ ଆଶା କରନା । ଆରେ ଯାଅ ।'

ରବ କ୍ରମଶଃ ବରକ୍ତ ହୋଇ ଉଠୁଥିଲା । ଲୋକଟି ଚାଲଯାଉଥିଲା ମୁଁ ତା ଯିବା ବାଟକୁ

ଚାହିଁ ରହିଥିଲି । ଗାଉଁଲି ଲୋକଟିଏ ବୋଧ ହୁଏ । ବୟସ ଅନ୍ଦାଜରେ ଚାଳିଶି ପାଖାପାଖି ।

'ଜାଣିଲୁ, ଏ ଲୋକଟା ମୋ ପଛରେ ପଡ଼ିଛି । କେତେବେଳୁ ମୋତେ ସେଇ କଥା କହି କହି ବିରକ୍ତ କଲାଣି ।'

ରବି ହଠାତ୍ କହିବାରୁ ମୁଁ ତା ଆଡ଼କୁ ପୁଣି ଚାହିଁଲି । ମୁଁ ପଚାରିଲି, 'କଣ କହୁଥିଲା ସେ ?'

'ହୁଁ, ସେକାଳେ ତା ପୁଅ ପାଖକୁ ଆସିଛି କୋଉ ଦୂର ଗାଁରୁ, ତା' ପୁଅ ଏଠି ନୂଆ ଚାକିରୀ କରିଛି । ତା ପୁଅର ଠିକଣାଟା ରଖିଥିଲା । ଯେ ସେଟା କୁଆଡ଼େ ହଜିଗଲା ବୋଲି କହୁଛି । ଘର ଗାଁରେ, ପୁଅ ପାଖକୁ ଯାଇ ପାରୁନି କି ଘରକୁ ବି ଯାଇ ପାରୁନି ।' ରବି ଦମ୍ ନେଲା ।

ମୁଁ ପଚାରିଲି, 'ଘରକୁ ଯାଇ ପାରୁନି କାହିଁକି ?'

'ସେଇଠି ରହିଲା କଥା । ପଇସା ପାଖରେ ନାହିଁ ବୋଲି କହି ପଇସା ସାହାଯ୍ୟ ଚାହୁଁଛି । ବୁଝିଲୁ, ଏମାନେ ମହା ଠକ । ଠକ ନୁହେଁ ତ ସେ ଠକଙ୍କ ଗୁରୁ ।' ରବି ଏକା ନିଃଶ୍ୱାସରେ କହିଗଲା ।

'ସେଇଠୁ କଣ ହେଲା ?' ମୁଁ ପଚାରିଲି ।

'ସେଇଠୁ ଆଉ କଣ ହେବ ? ମୁଁ ସଫା ସଫା ମନା କରିଦେଲି । ମୁଁ ଦେଇ ପାରିବନି, ଆଚ୍ଛା ହଉ ତୁ ଥା ମୁଁ ଆସେ ।' ରବି ଏତକ କହିଦେଇ ଚାଲିଗଲା ।


ରବିର କଥା ମୋ ମନରୁ ଲିଭୁନଥିଲା, ମୁଁ ସେ ଲୋକଟି କଥା ଭାବୁଥିଲି, ଯଦି ସେ ଲୋକଟା ସତ କହୁଥିବ, ତେବେ କେତେ ଅସୁବିଧାରେ ନଥିବ ସତେ ?

'ବାବୁ, ସେ ବାବୁ କଣ ଚାଲିଗଲେ କି ?' ଚିହ୍ନା କଣ୍ଠସ୍ୱର ଶୁଣି ମୁଁ ବୁଲି ପଡ଼ି ଚାହିଁଲି । ପୂର୍ବୋକ୍ତ ଲୋକଟି ଠିଆ ହୋଇଛି । କରୁଣ ଚାହାଣୀ ସେ ପର୍ଯ୍ୟନ୍ତ ତା ଆଖିରେ ରହିଛି ।

'ହଁ ଚାଲିଗଲେଣି, କଣ ଦରକାର ?' ମୁଁ ଖୁବଶୀଘ୍ର ମୋ ବକ୍ତବ୍ୟ ଶେଷ କଲି ।

'ଆଜ୍ଞା, ଆପଣ ବି ମୋତେ ଅବିଶ୍ୱାସ କରୁଛନ୍ତି ?' ଲୋକଟି କହିଲା, ଯେପରି ମୁଁ ତା'ର ସମ୍ପୂର୍ଣ୍ଣ ଇତିହାସ ଜାଣେ । ମୁଁ ଭାବୁଥିଲି, ହଠାତ୍ ଭାବନାର ଖିଅ ଛିଣ୍ଡିଗଲା ।

'ଆଜ୍ଞା ଖାଇବାକୁ ମଧ୍ୟ ଖୁଚୁରା ପଇସା ନାହିଁ । ମୁଁ ଯାହା ଗାଁରୁ ଆସିଲା ବେଳେ ଖୁଚୁରା ଆଣିଥିଲି ତାକୁ ଗୋଟେ ନୀଳ ରୁମାଲରେ ବାନ୍ଧି ରଖିଥିଲି, ହେଲେ ଏଇ ବଗିଚାରେ କୋଉଠି



ଖସିପଡ଼ିଲା । ଆଜ୍ଞା, ଏବେ କଣ କରିବି କୁହନ୍ତୁ ?' ଲୋକଟି ବିକଳ ହୋଇ ଏତିକି କହିଲା ।


ମୋର ରବି କଥା ମନେ ପଡୁଥିଲା । ତେଣୁ ମୁଁ ତାକୁ ମନାକରିଦେଲି ଯେ, ମୁଁ କିଛି କରିପାରିବି ନାହିଁ । ଲୋକଟି ଚାଲି ଯାଉଥିଲା । ମୁଁ ଉଠିଥିଲି ଘରକୁ ଫେରିବାପାଇଁ । ମୋ ହାତରୁ ପାନବଟୁଆଟା ଖସି ପଡ଼ିଲା । ତାକୁ ଉଠେଇବାକୁ ନଇଁ ପଡ଼ିଲି, ପାନ ବଟୁଆ ସହ ଆଉ ଏକ ଜିନିଷ ମଧ୍ୟ ଆବିଷ୍କାର କଲି । ଗୋଟିଏ ନୀଳ ରୁମାଲ । ତା ଭିତରେ କିଛି ଚିଜ ବନ୍ଧାହୋଇ ରହିଛି । ନିଶ୍ଚୟ ଏଇ ରୁମାଲ୍ ସେଇ ଲୋକଟାର ହୋଇଥିବ । ଲୋକଟା ତାହେଲେ ସତ କହୁଥିଲା ? ମୋତେ ମନେ ମନେ ବହୁତ ଲଜ୍ଜିତ ଅନୁଭବ ହେଉଥିଲା । ରବି ମଧ୍ୟ ସେଇ ଲୋକଟିକୁ ଅନେକ କଥା କହିଦେଇଥିଲା । ସେ ମୋଠାରୁ ଅନେକ ଦୂର ଯାଇନଥିଲା ।

'ଆରେ ଶୁଣ...' ମୁଁ ଡାକିଲି ।

ଲୋକଟି ପଛକୁ ଫେରି ଚାହିଁଲା । ନୀଳ ରୁମାଲରେ ବନ୍ଧା ପଇସା ଦେଖି ସେ ଝପଟି ଆସିଲା ଆଉ ନିଜ ଅମାନତ ମୁଠେଇ ନେଲା । ନିଜ ପକେଟରୁ ଦଶଟି ଟଙ୍କା ତା ହାତକୁ ବଢ଼େଇ ଦେବାପରେ ସେ କୃତକୃତ୍ୟ ହେବାପରେ ଚାହିଁ ସେହି ସ୍ଥାନରୁ ଝପଟି ପଳାଇଗଲା । ତା ଯିବାର ବେଗ ଦେଖି ଲାଗୁଥିଲା ସତେ ଯେମିତି ସେ ଅନେକ କିଛି ପାଇଯାଇଛି । ମୁଁ ନିଜ ମନରେ ଆଶ୍ୱସ୍ତ ଅନୁଭବ କରି ଆଗକୁ ବଢ଼ିଲା ବେଳକୁ ରବିକୁ ଆସୁଥିବା ଦେଖିଲି...

'ଆରେ ରବି, କଣ ହେଲା, ପୁଣି ଆସିଲୁ ଯେ ?' ମୁଁ ରବିକୁ ପ୍ରଶ୍ନ କରୁଥିବା ବେଳେ ସେ ନଇଁ ପଡ଼ି ସିମେଣ୍ଟ ଚେୟାର ତଳେ କିଛି ଖୋଜୁଥିଲା । ନିରାଶ ହୋଇ ଚେୟାର ଉପରେ ବସିପଡ଼ି କହିଲା, 'ଘରୁ ବାହାରୁ ଆସିଲା ବେଳେ କିଛି ଟଙ୍କା ଆଉ ଖୁଚୁରା ଗୋଟିଏ ନୀଳ ରୁମାଲରେ ବାନ୍ଧି ବାଁ ପକେଟରେ ରଖିଥିଲି । ଏଠି ବସି ଯିବାପରେ ସେଇଟା ଆଉ ପାଇଲିନି । ଭାବିଲି କାଳେ ଏଠି କୋଉଠି ପଡ଼ିଯାଇଥିବ ।'

ମୁଁ ନିର୍ବାକ ହୋଇଯାଇଥିଲି... ମୋ ମୁହଁରୁ ଖାଲି ଏତିକି ବାହାରିଥିଲା... 'ନୀଳ ରୁମାଲ୍... କେତେ ଟଙ୍କା ଥିଲା... ?'



# ବୋଉର ଶାଢ଼ୀ



ଅରବିନ୍ଦ ଦାସ

ଦଶହରାର ଗହଳି ପାଇଁ ବଜାର ଭିତରଟା ଅଣନିଃଶ୍ୱାସୀ କରିଦେଉଛି । ସତେ ଯେମିତି ସହରର ସବୁ ଲୋକ ଗୁଳିଆସିଛନ୍ତି ଆଜି ବଜାର କରିବାକୁ । ବେପାରୀଙ୍କ ମନ ପୁରା ଖୁସି । କାରଣ ଗତବର୍ଷ ବନ୍ୟା ଓ ବାତ୍ୟାପାଇଁ ପୂଜା ବଜାରଟା ପୁରା ମାନ୍ଦାଥିଲା । ବିଲେଇ କପାଳକୁ ଶିକା ଛିଣ୍ଡିଲାପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ଛଅ ପ୍ରତିଶତ ମହଙ୍ଗାଭତ୍ତା ଏବଂ ରେଳବାଇ କର୍ମଚାରୀଙ୍କୁ ୭୦ ଦିନର ବୋନସ ମିଳିଛି । ଅନ୍ୟ ବେସରକାରୀ ତଥା ବହୁଦେଶୀୟ କମ୍ପାନୀମାନେ ମଧ୍ୟ ନିଜର କର୍ମଚାରୀଙ୍କୁ ପୂଜା ଭେଟି ଆକାରରେ ବଢ଼ାଇ ଦେଇଛନ୍ତି କିଛି ଅଧିକ ବୋନସ୍ ।

ବିନୋଦଙ୍କ୍ ମଧ୍ୟ ଦଶହଜାର ଟଙ୍କା ପୂଜା ଭତ୍ତା ମିଳିଛି । ସ୍ତ୍ରୀ ସୁଜାତା ଭାରି ଖୁସି ହୋଇଗଲେ, ଯେଉଁଦିନ ପୁରା ପଇସା ସ୍ୱାମୀଙ୍କ ହାତରୁ ପାଇଗଲେ । ବଜାର ଦର ଯାହା ହେଲାଣି ଦରମା ଗଣ୍ଡାକ ଉପରେ ନିର୍ଭର କଲେ ମନଲାଖି ଜିନିଷ କିଣି ହେବନାହିଁ । ଅବଶ୍ୟ ଏତେ ପଇସାରେ କଣ ବା ହେବ ? ସୁନା ମୁଦିଟେ ବି କରିହେବନି । ୧ ଗ୍ରାମ ଓଜନ ବାନା ସୁନା ଚୁଡ଼ି କମ୍ବା ଲକେଟ କଲେ କିଛି ଲାଭ ହେବନି । କାରଣ ସେଗୁଡ଼ାକ ନକଲି ପରି ଲାଗୁଛି । ତା'ଛଡ଼ା ସେ ସବୁ ମଧ୍ୟ ଅତି ସାଧାରଣ ହୋଇଗଲାଣି । ପିଲାଙ୍କ ଡ୍ରେସ୍, କୁଣିଆ ମଇତ୍ର ଚର୍ଚ୍ଚା ଏବଂ ଗାଁକୁ ଯିବା ଆସିବା ଖର୍ଚ୍ଚ ତଥା ଗାଁରେ ଲୋକଙ୍କୁ ପୂଜା ବାବଦରେ ମଧ୍ୟ କିଛି କିଛି ଦେବାକୁ ପଡ଼ିବ । କାଲକୁଲେଟର ପରି ସବୁ ହିସାବ କରୁଥିଲେ ମନେ ମନେ ।

ସୁଜାତା ଭାବୁଥିଲେ ମନେ ମନେ ଆଉ ଦଶ ହଜାର ହେଲେ ମିଳିଥାନ୍ତା ? ଛାଡ଼ । ଭାଗ୍ୟରେ ଯାହା ଲେଖା ଅଛି ସେଥିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଗତ ଦୁଇମାସ ତଳେ ଏରିଅର ଟଙ୍କା ଦେଢ଼ ଲକ୍ଷ ମିଳିଥିଲା । ବିନୋଦଙ୍କ ଇଚ୍ଛା ଥିଲା ଗାଁରେ ଜମିଜମା କିଣିବା ପାଇଁ ଓ ଗାଁ ଘରର ଉପର ମହଲା ଆରମ୍ଭ କରିବାପାଇଁ । ରିଟାୟାର୍ଡ଼ ହେଲାପରେ ସତେ ଯେମିତି ସୁଜାତା ଯାଇ ଗାଁରେ ରହିବେ ! କି ଯେ ବୁଦ୍ଧି ବିନୋଦଙ୍କର । ନୂଆ ଡିଜାଇନର ସୁନା ସେଟ୍ ଗୋଟେ କରିଦେଇଥିଲେ ସୁଜାତା ନିଜ ପାଇଁ ।

ବର୍ଷରେ ଦୁଇଥର ଶାଶୁଘର ଗାଁକୁ ଯାଆନ୍ତି ସୁଜାତା । ପୂଜାଛୁଟି ଆଉ ମାଣବସା । ଖରାଛୁଟିରେ ଏଣିକି କିଛି ଗ୍ରୀଷ୍ମନିବାସ ତଥା ନିଜ ବାପାଘରକୁ ଯାଆନ୍ତି । ପିଲାମାନେ ମଧ୍ୟ ଗାଁ ସହିତ ନିଜ ମାମୁଘରକୁ ଯିବାକୁ ଉଚିତ ବୋଲି ସୁଜାତା ଭାବନ୍ତି । ସେଥିପାଇଁ ଛୁଟିକୁ ବାଣ୍ଟି

ଦେଇଛନ୍ତି । ଗାଁରେ ଶାଶୁଶ୍ୱଶୁର ଅଛନ୍ତି । ଗୋଟିଏ ବୋଲି ନଣନ୍ଦ ପାଖ ଗାଁରେ ବାହା ହେଇଛନ୍ତି । ଗାଁ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ ସେ କାମ କରନ୍ତି । ତେଣୁ ଶାଶୁ ଶ୍ୱଶୁରଙ୍କ ଦେଖାଶୁଣା ପାଇଁ ଅସୁବିଧା ନାହିଁ ।


'ଶୁଣୁଛ ଆଜ ପିଲାଙ୍କ ପାଇଁ ଡ୍ରେସ୍ କିଣି ଆଣିବା । କାଲି ବରଂ ଶାଢ଼ୀ ପାଇଁ ଆସିବା ଆଉଥରେ ।'

ପତ୍ନୀଙ୍କର କଥା ଶୁଣି ଚୁପ୍ ରହିଲା ବିନୋଦ । ଏମିତ ଭିଡ଼ରେ ଦୁଇଥର ମାର୍କେଟ୍ ଆସିବା ବଡ଼ କଷ୍ଟକର କାମ । କାରଟା ପାର୍କିଂ କରିବାକୁ ତାଙ୍କୁ କେତେ ପରିଶ୍ରମ କରିବାକୁ ନ ପଡ଼ିଛି ? ଗାଡ଼ି ସଂଖ୍ୟା ବି ବଢ଼ି ଚାଲିଛି ଜନସଂଖ୍ୟାପରି । ଭଗବାନଙ୍କୁ ସ୍ମରଣ କରୁଥିଲେ ବିନୋଦ; ସୁଜାତାଙ୍କ ମନ ପରିବର୍ତ୍ତନ କରିବାପାଇଁ । ଏମିତ କିଛି ଶାଢ଼ୀ ତାଙ୍କ ଆଖିରେ ଲାଖିଯାଆନ୍ତି କି, ଯେଉଁଟା ତାଙ୍କୁ ଟାଣି ନିଅନ୍ତା ଦୋକାନ ଭିତରକୁ । ତା'ପରେ ଶାଢ଼ୀ ଦେଖାରେ ମନ ଲାଗିଗଲେ ଆଉ ଅସୁବିଧା କିଛି ନାହିଁ । ପିଲାଙ୍କ ଡ୍ରେସ୍ କିଣା ଆପେ ଆପେ ପଛକୁ ଘୁଞ୍ଚିଯାଆନ୍ତା ।

ଦୁଇପୁଅ ରିକୁ ଓ ଚିନୁ ଜିଦ୍ ଲଗେଇଛନ୍ତି କୁଲଫି ଖାଇବା ପାଇଁ । ବିନୋଦ ବାଧ ହୋଇ କୁଲ୍‌ଫି କିଣି ଆଣିଲେ ସମସ୍ତଙ୍କ ପାଇଁ । ପାଟିଟା ଥଣ୍ଡା ହେଲା ପରେ ସୁଜାତାଙ୍କ ମନଟା ବୋଧେ ଟିକେ ଥଣ୍ଡା ହେଲାକି କଣ ? ନାମଜାଦା ଶାଢ଼ୀଦୋକାନ 'ଶାଢ଼ୀମନ୍ଦିର' ଭିତରକୁ ପଶିଗଲେ ଆଗେ । ସେଲ୍ ଚାଲିଛି । ତା ସହିତ ଲକି ଡ୍ର ବି ଅଛି । ଏ ସବୁର ଲୋଭ ବୋଧହୁଏ ଆଡ଼େଇ ପାରିଲେନି ସେ, ଅନ୍ୟ ସବୁ ସ୍ତ୍ରୀ ଲୋକଙ୍କ ପରି ।

'ଶାଢ଼ୀ କିଣିଲା ବେଳେ ମୋ ପାଖରେ ଟିକେ ରହିବ । ପିଲାଙ୍କୁ ଧରି ଇଆଡ଼େ ସିଆଡ଼େ ପଳେଇବ ନାହିଁ । ସତେ ଯେମିତ ଅଜଣା ଲୋକଙ୍କ ସହ ଆସିଛି । ଦେଖିଲ ସବୁ ସ୍ତ୍ରୀଙ୍କ ପଛପଟେ ସେମାନଙ୍କ ସ୍ୱାମୀମାନେ ଠିଆ ହୋଇ କେମିତ ଶାଢ଼ୀ ଚଏସ୍ କରୁଛନ୍ତି । ତମପରି ଖଣ୍ଡେ ଦୂରରେ ଠିଆ ହୋଇ ନାହାନ୍ତି ।' ସୁଜାତା ଚେତେଇ ଦେଇଥିଲେ ବିନୋଦଙ୍କୁ ।

ବିନୋଦ ଭାବୁଥିଲେ, କେଉଁ ସ୍ୱାମୀଙ୍କୁ କଣ ସ୍ତ୍ରୀର ଶାଢ଼ୀ କିଣା ଭଲ ଲାଗେ ? ଏକେ ତ ଅର୍ଥଶ୍ରାଦ୍ଧ ଆଉ ଦୁଇରେ ସାଙ୍ଗେ ସାଙ୍ଗେ ଚଏସ୍ ହେବନି । ଦଶଟା ଦୋକାନ ବୁଲି ବୁଲି ଶେଷରେ ପ୍ରଥମ ଦୋକାନରେ ଦେଖା ହୋଇଥିବା ଶାଢ଼ୀ ହିଁ ନିଆଯିବ । ଥାକରେ ଥୁଆ



ହୋଇଥିବା ସବୁ ଶାଢ଼ୀ ଗୋଟି ଗୋଟି କରି ନଦେଖିବା ଯାଏଁ ବୋଧହୁଏ ଏମାନଙ୍କ ମନ ମାନେନା । ବିନୋଦ ଭାବନ୍ତି ମହାଭାରତରେ ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ରହରଣ କରିଥିବାରୁ, ବୋଧହୁଏ ଏ ଯୁଗରେ ସମସ୍ତ ମହିଳା, ଶାଢ଼ୀ ସେଲ୍ସମ୍ୟାନଙ୍କୁ ଦୁଃଶାସନର ପାପର ପ୍ରାୟଶ୍ଚିତ କରାଉଛନ୍ତି । କାରଣ ଘଣ୍ଟା ଘଣ୍ଟା ଧରି ଶହ ଶହ ଶାଢ଼ୀ ଖୋଲି ବିଚାରି ଦେଖାଇବ, ପୁଣି ଭାଙ୍ଗିକରି ଥାକରେ ଥୋଇବ ।

ଏ ମାମଲାରେ ପୁରୁଷମାନେ ଭଲ । ଦୁଇ ତିନିଟା ଶାଢ଼ୀ ଭିତରୁ ନିଶ୍ଚୟ ଗୋଟିଏ ପସନ୍ଦ ହୋଇଯାଏ ସେମାନଙ୍କର । ବାସ୍ ଦଶ ମିନିଟରେ ସପିଂ ଶେଷ; ଅବଶ୍ୟ ଘରକୁ ଗଲାପରେ ସେ ଶାଢ଼ୀଟି ସ୍ତ୍ରୀଙ୍କର ପସନ୍ଦ ଆସେନି ଏବଂ ପୁଣିଥରେ ଫେରେଇବାକୁ ପଡ଼େ । କାନନାକ ମୋଡ଼ି ସ୍ୱାମୀ ବିଚାରି ପ୍ରତିଜ୍ଞାକରେ ପୁଣି ଆଉ କେବେ ହେଲେ ବି ସ୍ତ୍ରୀ ପାଇଁ ଶାଢ଼ୀ କିଣିବ ନାହିଁ । ଗତଥର ସୁଜାତାଙ୍କ ଜନ୍ମ ଦିନରେ ଠିକ୍ ଏମିତି ହିଁ ହୋଇଥିଲା ।

କେତେ ଭିଡ଼ ଏ ଦୋକାନରେ ? କିଏ ଜଣେ ବିନୋଦର ଗୋଡ଼ ଉପରେ ଚଢ଼ିଗଲା । ଆଃ, ମଣିଷ ଦିଶୁନାହାନ୍ତି ନା କଣ ? ମନେ ମନେ ବିରକ୍ତ ହେଉଥିଲା ବିନୋଦ ।

ତିନି ଆଡ଼େ ଆଖି ବୁଲେଇ ଆଣୁଥିଲା ବିନୋଦ । ବୋଉପାଇଁ ଏଥର ଭଲ ଶାଢ଼ୀଟେ ନେବାକୁ ତାଙ୍କର ଇଚ୍ଛା । ସାନ ଭଉଣୀ ମିତାର ବାହାଘର ବେଳେ ସୁଜାତାର କାଞ୍ଜିବରମ୍ ଶାଢ଼ୀଟା ବୋଉର ଭାରି ପସନ୍ଦ ହୋଇଥିଲା । ସେବେଠାରୁ ବିନୋଦ ଭାବିଥିଲେ ଯେ ଗୋଟେ ଭଲ କାଞ୍ଜିବରମ ଶାଢ଼ୀ ବୋଉ ପାଇଁ ନେବାକୁ । କେତେ ବଢ଼ିଆ ଡିଜାଇନର୍ ଶାଢ଼ୀ ଦେଖାଉଛି ସେଲସ୍ମ୍ୟାନ ଜଣକ । କେତେ ସମୟ ପରେ ଚେୟାର ଗୋଟେ ମିଳିଲା ବସିବାପାଇଁ ବିନୋଦଙ୍କୁ । ତିନିଟା ଶାଢ଼ୀ ବାଛିଥିଲେ ସୁଜାତା । ତାଙ୍କ ନିଜପାଇଁ ଗୋଟେ ବନାରସୀ ଶାଢ଼ୀ, ନଣନ୍ଦ ମିତାପାଇଁ ଗୋଟେ ସିଫନ୍ ଶାଢ଼ୀ, ବୋଉ ଆଉ ଘରକରଣୀ ପାଇଁ ଦୁଇଟା କଟନ ଶାଢ଼ୀ ।

'ଦେଖିଲ ଏ ବର୍ଗଣ୍ଡି କଲରଟା କେମିତି ଦିଶୁଛି ? ମୋ ପାଖରେ ଏମିତି ରଙ୍ଗର ଶାଢୀ ନାହିଁ । ତା'ଛଡ଼ା ପୁରା ନୂଆ ଡିଜାଇନର ହୋଇଛି । ତମର ଚଏସ୍ ହେଉଛି ନା ନାହିଁ ?'

ବିନୋଦ ବୁଝିପାରୁନଥିଲେ କଣ କହିବେ ? ରାଷ୍ଟ୍ରପତି ତ ନାଁକୁ ମାତ୍ର ମୁଖ୍ୟ । ସବୁ କ୍ଷମତା ତ ପାର୍ଲିଆମେଣ୍ଟ ହାତରେ । ତାଙ୍କର ଚଏସ୍ ପୁଣି କଣ ?'ହଁ ବଢ଼ିଆ ହେଇଛି ।'

'ମିତାଙ୍କ ପାଇଁ ଏ ଇଟାଲିଆନ୍ ସିଫନ୍‌ଟା ଭଲ ଲାଗିବ । ଦାମିକା ବ ଅଛି ।' ନୁହେଁ ।

ବିନୋଦ ମୁଣ୍ଡ ହଲେଇ ହଁ ବୋଲି କହି କହିଲେ, 'ବୋଉ ପାଇଁ ଗୋଟେ ଭଲ ଶାଢ଼ୀ ନିଅ । କାଞ୍ଜିଭରମ୍ ଶାଢ଼ୀ ପାଇଁ ମୋତେ କେବେଠୁ କହିଥିଲା । ବାହାଘରକୁ ଯିବାକୁ କମ୍ବା ମନ୍ଦିର ଯିବାପାଇଁ କାମରେ ଆସିବ ।'

'ଏ କଥା ମୋତେ ତ କେବେ କହିନାହାନ୍ତି । ହଁ, ବୋହୁକୁ କାହିଁକି ମନ କଥା କହିବେ ? ମୁଁ କେଉଁ ନିଜର କି ?'

'ଶାଶୁମାନେ କଣ ସବୁବେଳେ ମନକଥା ଖୋଲି କହିବା ଦରକାର ? ବୋହୁ ହୋଇ ସେ କଣ ଆପେ ଆପେ ବୁଝି ପାରିବେ ନାହିଁ ? ନିଜ ମା'ର ମନକଥା ଏବଂ ପସନ୍ଦର କଥା ତ ବେଶ୍ ଜଣା ? ବାଡ଼ିର ସଜନା ଛୁଇଁ, ନଡ଼ିଆ ଦେବାଠୁ ଆରମ୍ଭ କରି ପିଠାପଣା, ବଡ଼ି ଆଗ୍ରର ପର୍ଯ୍ୟନ୍ତ ବୋଉ କେମିତି ବୋହୂର ମନଜାଣି ତିଆରି କରେ ଓ ଗଣ୍ଠିଲି ବାନ୍ଧି ପଠେଇ ଦିଏ ! ସତରେ କଣ ସୁଜାତା ଜାଣିନି ବୋଉର ପସନ୍ଦ ଓ ନାପସନ୍ଦକୁ ?' ବିନୋଦ ମନେ ମନେ ଭାବୁଥିଲେ ।

'ସୁତା ଶାଢ଼ୀ ହିଁ ବୋଉଙ୍କର ପସନ୍ଦ । ଗାଁରେ କେଉଁ ଅବା ସେ ଭଲଶାଢ଼ୀ ପିନ୍ଧନ୍ତି କି ? ଯେତେ ଭଲ ଶାଢ଼ୀ ଦେଲେ ଆଲମାରୀରେ ପଶିବ । ମିତା ପିନ୍ଧିବେ ନହେଲେ କେଉଁ ବେଭାରରେ ଚଳେଇ ଦେବେ । ଯେତେ କହିଲେ ବି ସୁଦ୍ଧା ଘରେ ସେଇ ପୁରୁଣା ଶାଢ଼ୀ ପିନ୍ଧି ବୁଲୁଥିବେ । ତା'ଛଡ଼ା କେଉଁ ଅବା ବାହାରେ ରହୁଛନ୍ତି । ପୁଣି ଡ୍ରାଏ କ୍ଲିନ୍ କରିବେ କେଉଁଠି ? ପ୍ରତିଥର ପଚିଶ ଟଙ୍କା ଖର୍ଚ୍ଚ କରିବାପାଇଁ ପଡ଼ିବ ଜାଣିଲେ ସେ ବିରକ୍ତ ହେବେ ।'

ବିନୋଦ ଭାବୁଥିଲା, ସତରେ କଣ ସବୁ ମା ମାନେ ଭଲଶାଢ଼ୀ ପିନ୍ଧିବାକୁ ଇଚ୍ଛା କରନ୍ତି ନାହିଁ? ପିଲାଙ୍କ ପାଇଁ ସାଇତି ରଖିଦିଅନ୍ତି । ଘରକାମରେ ଲାଗିଲିଣି ବୋଲି ଘୋଷଣା ହୋଇଗଲାପରି ଘରର କଣରେ ପଡ଼ିରହନ୍ତି । ଫ୍ୟାନ୍ ପରି ବୁଲି ବୁଲି କାମ କରନ୍ତି । ସ୍ନେହ ବାଣ୍ଟିବା ଆଳରେ ନିଜର ରୁଚି ଓ ପସନ୍ଦକୁ ଭୁଲି ଯାଆନ୍ତି । ଯାହା ମିଳେ ତାହାକୁ ହିଁ ନିଜର ପସନ୍ଦ ଭାବି ଆନନ୍ଦରେ ଗ୍ରହଣ କରନ୍ତି । ଝିଅ, ବୋହୁ, ନାତୁଣୀଙ୍କ ପାଇଁ ଭଲଶାଢ଼ୀ ସାଇତି ଦେଇ ନିଜେ ସାତସିଆଁ ମଇଳା ଶାଢ଼ୀ ପିନ୍ଧି ବୁଲନ୍ତି । ତଥାପି ତାଙ୍କର ସେଇ ଝାଳୁଆ କାନିରେ ଦୁନିଆର ସମସ୍ତ ସ୍ନେହ, ସୁଖଶାନ୍ତି ବସା ବାନ୍ଧି ରହିଥାନ୍ତି । ସେଥିପାଇଁ ବୋଧହୁଏ ମା'ମାନଙ୍କ





କାନରେ ମୁହଁ ପୋଛିଲେ ସବୁଠୁ ଅଧିକ ଶାନ୍ତି ମିଳେ ।

'ମୁଁ କହୁଥିଲି କଣ କି ସବୁଥର ତ ଆମେ ବୋଉ ପାଇଁ ସୁତା ଶାଢ଼ୀ ନେଇଛେ । ଏଥର...'

'ହେଉ ହେଲାବାବା, ତମ କଥା ରହିଲା । ସାଢ଼େ ନଅଟା ବାଜିବ । ଦୋକାନ ବନ୍ଦ ହେବାକୁ ବସିଲାଣି । କାଲି ଆସି ବୋଉଙ୍କ ଶାଢ଼ୀ ଓ ପିଲାଙ୍କ ଡ୍ରେସ୍ ନେଇଯିବା । ହେଲା ?'

ବିଲ୍ ଦେଇ ସାରିଲା ପରେ ଲକି ଡ୍ର ହେଲା । ପ୍ରଥମ ପୁରସ୍କାର ବାବଦରେ ବିନୋଦଙ୍କ ନାଁରେ ଗୋଟିଏ ଦାମିକା କାଞ୍ଚିବରମ୍ ଶାଢ଼ୀ ଉଠିଲା । ସୁଜାତା ଓ ବିନୋଦଙ୍କ ଖୁସି କହିଲେ ନ ସରେ । ହାଲକା ଘିଅ ରଙ୍ଗର ଶାଢ଼ୀରେ ମେରୁନ ରଙ୍ଗର ଜରି ବର୍ଡର । ସବୁ ଲୋକ ଈର୍ଷ୍ୟାଭରି ଗୃହାଣୀରେ ଅନାଉଥିଲେ ସେମାନଙ୍କୁ । ଗଡ଼ ଜଣିଗଲାପରେ ଲାଗୁଥାଏ ସୁଜାତାଙ୍କୁ ।


'ବୋଉକୁ ଏଇଟା ବଢ଼ିଆ ମାନିବ ।' ବିନୋଦଙ୍କ ପାଟିରୁ ହଠାତ୍ ବାହାରିପଡ଼ିଲା । ଅଜାଣତରେ ହାତବାଜ ବନ୍ଧୁକରୁ ଗୁଳିଟିଏ ବାହାରିଗଲା ପରି ।

'ମୋ ମା ମଧ ଵେବେଠାରୁ ମୋତେ ଏଇ ଡିଜାଇନର୍ ଶାଢ଼ୀଟେ ପାଇଁ ଲଗେଇଛି । ପଇସା ମଧ ପଠେଇବ ବୋଲି କହିଛି । ମୁଁ କେଉଁ ମାର୍କେଟ୍ ଆସିପାରୁଛି କି ?'

କିଛି ନ କହି ପିଲାଙ୍କୁ ଧରି ଆଗେଇଲେ ବିନୋଦ । ମାଗଣାରେ ଶାଢ଼ୀଟା ମିଳିଲା । ତଥାପି ଏତେ ଲୋଭ ସୁଜାତାଙ୍କର । ପହରଦିନ ମହାସପ୍ତମୀ, ସକାଳୁ ଗାଁକୁ ଯିବାକଥା । କାଲି ପୁଣି ମାର୍କେଟ୍ ଆସିବାକୁ ପଡ଼ିବ ।

ଅଫିସ କାମରେ ବ୍ୟସ୍ତରହି ପରଦିନ ଘରକୁ ଫେରିଲା ବେଳକୁ ଘଡି ଆଠଟା । ସେତେବେଳକୁ ସୁଜାତା ଯାଇ ପିଲାଙ୍କ ଡ୍ରେସ୍ ଓ ବୋଉର ଶାଢ଼ୀ ନେଇ ଆସିଥିଲେ । ବିନୋଦ ବହୁତ କ୍ଲାନ୍ତ ଅନୁଭବ କରୁଥିବାରୁ ବୋଉର ଶାଢ଼ୀଟା ଦେଖିବା ପାଇଁ ଆଉ ଇଚ୍ଛା ନଥିଲା । ଭୋରରୁ ଉଠି ଗାଁକୁ ବାହାରିବାକୁ ପଡ଼ିବ । ଗଣ୍ଡେ ଖାଇଦେଇ ଜଲ୍‌ଦି ଗଡ଼ିପଡ଼ିଲେ ବିଛଣାରେ ।

ଗାଁରେ ପହଞ୍ଚି ଆଗେ ବୋଉକୁ ତା ଶାଢ଼ୀ ଦେଖାଉଥିଲେ ସୁଜାତା । 'ଦେଖିଲ ବୋଉ, ଏଇ ପିଓର୍ ସିଲ୍‌କ ଶାଢ଼ୀଟା କେମିତି ହେଇଛି ? ବାଛି ବାଛି ଆପଣଙ୍କ ପାଇଁ ଆଣିଛି । ଦାମୀ ଶାଢ଼ୀ ବୋଲି ଆଲମିରାରେ ରଖିବେ ନାହିଁ । ଏଇଟା ଅଷ୍ଟମୀରେ ପିନ୍ଧିବେ ।'



ବନୋଦ ଦେଖୁଥିଲେ ସୁଜାତାଙ୍କ ହାତରେ ଥିଲା ହାଲକା ପିଆଜୀ ରଙ୍ଗର ଶାଢ଼ୀଟାକୁ । ଏଇ ବର୍ଷ ଖରା ଛୁଟିରେ ତାଙ୍କ ବାପଘରୁ ଆସିଥିଲା । କଲର ଏବଂ ପ୍ରିଣ୍ଟ ତାଙ୍କର ପସନ୍ଦ ନଥିଲା ବୋଲି ପିନ୍ଧୁନଥିଲେ । ମନଟା ଖରାପ ହୋଇଗଲା ବନୋଦଙ୍କର ।

ବେଡ଼ରୁମକୁ ପଶିଗଲେ । ଖଟଉପରେ ବ୍ରିଫ୍‌କେଶଟା ଥୁଆ ହୋଇଥିଲା ଅଧା ଖୋଲା ହୋଇ । ବ୍ରିଫକେଶ୍ ଭିତରୁ ଲକ ଡ୍ରରେ ପାଇଥିବା ସେଇ ସୁନ୍ଦର କାଞ୍ଚିବରମ୍ ଶାଢ଼ୀଟା ଦେଖା ଯାଉଥିଲା । ସୁଜାତା ନିଶ୍ଚୟ ଏଇଟାକୁ ଦଶହରାରେ ପିନ୍ଧିବେ ବୋଲି ଆଣିଥିବେ ।

ଦାଣ୍ଡ ଘରକୁ ଫେରଲେ ବନୋଦ । ବନୋଦଙ୍କୁ ଦେଖି ସୁଜାତା କହିଲେ, 'ଜାଣିଛନ୍ତି ବୋଉ, ଇଏ କହୁଥିଲେ ବୋଉପାଇଁ ଆଉ ଗୋଟେ ଶାଢ଼ୀ ଦଶହରା ପାଇଁ ନେଇଗଲୁ...

ସୁଜାତାଙ୍କ କଥାକୁ ଅଧାରେ ରଖିଦେଇ ବନୋଦ କହିଲେ, 'ବୋଉ, ଏଇ ଶାଢ଼ୀଟା ତୁ ଦଶହରାରେ ପିନ୍ଧିବୁ ।' ବନୋଦଙ୍କ ହାତରେ ଥିଲା ସେଇ ଦାମୀ କାଞ୍ଚିବରମ୍ ଶାଢ଼ୀଟା । ସୁଜାତାଙ୍କ ପାଟି ଅଧା ମେଲା ହୋଇ ରହିଯାଇଥିଲା । ବନୋଦ ଯେ ଏମିତ ଶକ୍ ଦେବେ ସେ କଥା ସେ କେବେ ଭାବିନଥିଲେ ।


'ଦେଖିଲୁ ବୋଉ, ମୁଁ ନିଜେ ପସନ୍ଦ କରି ଆଣିଛି । ତୋତେ ଭଲ ଲାଗୁଛି ନା ନାହିଁ ?' ବନୋଦ ପଚାରୁଥିଲେ ।

ବୋଉ ଆଖିରେ ଖୁସିର ଲହର । ଶାଢ଼ୀ ପାଇଁ ନୁହେଁ, ବରଂ ପୁଅର ନିଜ ମା ପାଇଁ ଅନାବିଳ ସ୍ନେହ ଦେଖି ।

'ଏତେ ଦାମୀ ଶାଢ଼ୀ କାହିଁକି ଆଣିଲୁରେ ? ନିଶ୍ଚୟ ଏଇଟା ବୋହୁର ପସନ୍ଦ ହୋଇଥିବ । ଦୁଇ ଦୁଇଟା ନୂଆ ଶାଢ଼ୀ ମୁଁ କଣ କରିବ ? ବିନୁ ଏତେ ସଉକରେ ଆଣିଚି ବୋଲି ଏଇ କାଞ୍ଚିବରମ୍ ଶାଢ଼ୀଟା ମୁଁ ରଖୁଛି ।

ସୁଜାତା ହାତକୁ ପ୍ରିଣ୍ଟେଡ୍ ସିଲ୍କ ଶାଢ଼ୀଟିକୁ ବଢ଼େଇଦେଇ ବୋଉ କହିଲେ, 'ଏ ଶାଢ଼ୀଟାକୁ ତୋର ବୋଉକୁ ଦେଇ ଦେବୁ ମା । ସମୁଦୁଣୀଙ୍କୁ କହିଦେବୁ ଯେ ମୁଁ ଶ୍ରଦ୍ଧାରେ ପଠାଉଛି ।'

ସୁପରିଣ୍ଟେଣ୍ଡେଣ୍ଟ ଅଫ୍ କଷ୍ଟମସ୍, ଫ୍ଲାଟ୍ ନଂ - ୧୦୩,
ହୋରାଇଜନ୍ ଏନ୍‌କ୍ଲେଭ୍, ମହାରାଣୀପେଟା, ବିଶାଖାପାଟଣା-୨





# ଫ୍ରୀ ସର୍ଭିସ୍



ଅମରେଶ ବିଶ୍ୱାଳ

ସର୍ଭିସିଂ ସେଣ୍ଟର ଆଗର ଗାଡ଼ିମାନଙ୍କର ଲମ୍ବା ଲାଇନ ଲାଗି ସାରିଥିଲା । ଲାଇନଟା ସର୍ଭିସିଂ ସେଣ୍ଟର ଗେଟ୍ ସାମ୍ନାରୁ ପଛକୁ ପଛ ଲମ୍ବି ଲମ୍ବି ଆସିକି ରାସ୍ତା ଉପରେ ପହଞ୍ଚିଥିଲା । ଧାଡ଼ିରେ ନାନା ରଙ୍ଗର ଭଲକ ଭଲ ନୂଆ ପୁରୁଣା ଗାଡ଼ି । ଦୂରରୁ ଦେଖିଲେ ଲାଗୁଥିଲା, ଗୋଟେ ରଙ୍ଗୀନ୍ ଟୟଟ୍ରେନ୍ ଠିଆ ହୋଇଛି ଶର୍ମା ମୋଟର୍ସ ଆଗରେ ।


ସମୟବେଶୀ ହୋଇନଥିଲା । ଏଇ ସକାଳ ଆଠଟା । କିନ୍ତୁ ଗାଡ଼ିଙ୍କ ଲାଇନ୍ ଦେଖି ସଦାନନ୍ଦକୁ ଲାଗିଲା ସେ ଗୋଟେ ବଜ୍ଜାତ୍ ଅଳସୁଆ । ରାଜାରାଜୁଡ଼ା ସମୟ ହୋଇଥିଲେ ଯାହାକୁ 'ରାଜା ଅଳସୁଆ' ଉପାଧି ମିଳିବା ନିଶ୍ଚିତ ଥିଲା । ବହୁଦିନ ଆଗରୁ ସେ ଅଳସୁଆ ମାନଙ୍କୁ ନେଇ ଲିଖିତ ଗୋଟେ ମଜାଦାର ଗଳ୍ପ ପଢ଼ିଥିଲା । ତାକୁ ପଢ଼ିସାରିବା ପରେ ସଦାନନ୍ଦ ଭାବୁଥିଲା, ଗପଟାକୁ ବୋଧହୁଏ  କୌଣସି ବ୍ୟସ୍ତ ବାପ, ତା ଅବାଧ ଓ ଅଳସୁଆ ପୁଅକୁ ବୁଝେଇବା ପାଇଁ ନିଜେ ନିଜେ ମନରୁ ଫାନ୍ଦି କହି ପକାଇଥିଲା ।

ଗପଟି ଥିଲା ଏହିପରି... ଥରେ କୌଣସି ଏକ ରାଜ୍ୟର ରାଜା ହଠାତ୍ ଆବିଷ୍କାର କଲେ, ତାଙ୍କ ରାଜକୋଷ ଶୂନ୍ୟ ହେବାକୁ ଯାଉଛି । ମନ୍ତ୍ରୀଙ୍କୁ ଏହାର କାରଣ ପଚାରନ୍ତେ, ସେ ଉତ୍ତର ଦେଲେ - 'ମହାରାଜଙ୍କ ନିର୍ଦ୍ଦେଶରେ ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ସବୁଠାରୁ ଲୋକପ୍ରିୟ ଯୋଜନା 'ଅଳସୁଆ ତାରଣ ଅଭିଯାନ' ପାଇଁ ରାଜକୋଷର ଏପରି ଅବସ୍ଥା ଦେଖାଦେଇଛି ।'

ରାଜା ଆଶ୍ଚର୍ଯ୍ୟ ହୋଇଗଲେ ଓ ପଚାରିଲେ - 'କିନ୍ତୁ କେମିତି ? ଏପରି ତ ହେବାର କୌଣସି କାରଣ ମୁଁ ଦେଖିପାରୁନାହିଁ । ରାଜ୍ୟର ରାଜସ୍ୱ ଆଦାୟ କଣ ହ୍ରାସ ପାଇଛି ?'

ମନ୍ତ୍ରୀ ବୁଝାଇଦେଲେ - 'ରାଜସ୍ୱ ଆଦୌ ହ୍ରାସ ପାଇନାହିଁ । ବରଂ ବୃଦ୍ଧି ପାଇଛି । କିନ୍ତୁ ରାଜ୍ୟର ଅଳସୁଆ ମାନଙ୍କୁ ସୁଖରେ ରଖିବାକୁ ମହାମହିମ ଯେଉଁ ଯୋଜନାର ପରିକଳ୍ପନା କରିଛନ୍ତି, ତା ଦ୍ୱାରା ଅଳସୁଆଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କାରଣ ଯୋଜନା ଅନୁଯାୟୀ, ସମସ୍ତଙ୍କୁ ଶିବିରରେ ରଖି ମାଗଣାରେ ଖାଇବାକୁ ଓ ପିନ୍ଧିବାକୁ ଦିଆଯାଉଛି । ଫଳରେ ବହୁ ସଂଖ୍ୟକ ଲୋକ କାମଦାମ ଛାଡ଼ି ଅଳସୁଆ ଶିବିରରେ ଯୋଗ ଦେଇ ଆନନ୍ଦରେ ମାଗଣା ଖାଦ୍ୟ ଗ୍ରହଣ କରୁଛନ୍ତି ।'

ଚିନ୍ତିତ ରାଜା ନିଜ ନିଶ ମୋଡ଼ିବାକୁ ଲାଗିଲେ ଏବଂ ଗମ୍ଭୀର ସ୍ୱରରେ ପଚାରିଲେ - 'କିନ୍ତୁ





ସମାଧାନର ଉପାୟ ?'

ମନ୍ତ୍ରୀ ମହାରଜଙ୍କୁ ଏକ ଗୁପ୍ତ ମନ୍ତ୍ରଣା ଦେଲେ । ସେହ ମନ୍ତ୍ରଣା ଅନୁଯାୟୀ, ପ୍ରକୃତ ଅଳସୁଆ ବାଛବାକୁ ଦନେ ରଜ୍ୟର ଅଳସୁଆ ଶିବରରେ ହଠାତ୍ ନଆଁ ଲଗାଇ ଦଆଗଲା । ଦେଖାଗଲା, ଯେଉଁ ଅଳସୁଆମାନେ ଶିବର ଭତରେ ବର୍ଷ ବର୍ଷ ଧର ପଡ଼ି ରହଥିଲେ, ସେମାନେ ହଠାତ୍ କଏ କେଉଁଆଡ଼େ ଦୌଡ଼ି ପଳାଇଗଲେ । ବାକ ରହଲେ ମାତ୍ର ଦୁଇଜଣ ଅଳସୁଆ । ଯେଉଁମାନଙ୍କୁ ରଜାଙ୍କ ପ୍ରହରୀମାନେ ନଆଁ ଭତରୁ ନଘୋଡ଼ ନଦରେ ଶୋଇଥିବା ଅବସ୍ଥାରେ ଉଦ୍ଧାର କରଥିଲେ । ଏକ ବଶେଷ କାର୍ଯ୍ୟକ୍ରମ କରଯାଇ ମହାରଜ ଏଇ ଦୁଇଜଣଙ୍କୁ 'ରଜ ଅଳସୁଆ' ଉପାଧିରେ ଭୂଷିତ କରଥିଲେ । ସଦାନନ୍ଦକୁ ମନେ ହେଲା ସେ ଦୁଇଜଣଙ୍କ ଭତରୁ ଜଣେ ।

ପନ୍ଦର ଦନ ଆଗରୁ ସୋ ରୁମ୍ ବାଲା ଗୋଟିଏ ଏସ୍ଏମ୍ଏସ୍ ପଠେଇଥିଲା । ସେଥିରେ ଲେଖାଥିଲା, ଜୁନ୍ ତେର ତାରଖ ରବବାର ଆପଣ ନଜ ଗାଡ଼ିର ଫ୍ରି ସର୍ଭିସିଂ କରନ୍ତୁ । କମ୍ପାନୀ ଦେଉଛ ଫ୍ରି ରେ । ଗୋଟିଏ କୋକଳକଣ୍ଠୀ ଝିଅ ବ ଫୋନ କର ଏଇ କଥା କହଥିଲା; ମିଷ୍ଟର୍ ସଦାନନ୍ଦ ପ୍ରଧାଆନ୍ କହୁଛନ୍ତ ? ମୁଁ ଶର୍ମା ମୋଟର୍ସରୁ ଶର୍ମିଳ କହୁଛ । ସାର୍ ଆସନ୍ତା ରବବାର ଆମର ଫ୍ରି ସର୍ଭିସିଂ ମେଳା ବସୁଛ । ଆପଣ ସବୁ ପ୍ରକାର ଚେକଂ ଫ୍ରି ରେ ପାଇପାରବେ... ଆହୁର କେତେ କଣ କହଥିଲା ।

ସଦାନନ୍ଦ ସେତେବେଳେ ଗୋଟେ ଭଲ ଗରଖ ଧର ବସିଥିଲା । ଶଳାଟା ତା ନୂଆ ଘର ପାଇଁ ପୂର ଗୋଟେ ସେଟ୍ ମାଲେସିଆନ୍ ଫର୍ଣ୍ଣିଚର୍ ନେବାକୁ ଆସିଥିଲା । ମାଲଦାର୍ ପାର୍ଟି । ସେତକବେଳେ ସେ ଝିଅ ଫୋନରେ କେଚେ କେଚେ ହେଉଥିଲା । ଫାଙ୍କା ଥିଲେ ଏମିତଆ ଶର୍ମିଳ ଝିଅଙ୍କ ସାଙ୍ଗରେ ଟିକେ ମଜାଗପ କର ହେଇଥାନ୍ତା । କନ୍ତୁ ସେ ପୁର ଭଡ଼ରେ ଥିଲା । ଫର୍ଣ୍ଣିଚର୍ ବେପାର ମାନ୍ଦା କର ଝିଅଙ୍କ ପଛରେ ମାତବାକୁ ତା'ର ଇଚ୍ଛା ନଥିଲା । ସେଇଥିପାଇଁ ସେ ପ୍ରତ୍ୟୁତ୍ତରରେ ଏତକ କହଥିଲା - ମାଡ଼ାମ୍ ଏତେ କଥା କହବା ଦର୍କାର୍ ନାହିଁ । ଫ୍ରିରେ ଦେଉଛନ୍ତ ଯେତେବେଳେ ଆମେ ସେମିତ ଯାଇ ପହଞ୍ଚିଯିବୁ... ରହଲ ନମସ୍କାର... ଛତାବାଡ଼ି ପୁରସ୍କାର...

ତ କାଲ ପର୍ଯ୍ୟନ୍ତ ସଦାନନ୍ଦର ଏ କଥାଟା ମନେ ନଥିଲା । ଫେସବୁକ୍‌ରେ ଗୁଟିଂ

କାଲିବେଳେ ଅଧରାତରେ ହଠାତ୍ ମନେ ପଡ଼ିଲା - ଆରେଃ ହେଃ ଶଳା କାଲି ପରା ରବିବାର ! ସୋ ରୁମ୍ ଯିବାର ଅଛି । ତରତରିକି ଶୋଇପଡ଼ିଲା । ଉଠିଲା ବେଳକୁ ସକାଳ ଆଠ ।

ଗାଡ଼ିଟାକୁ ପଛକୁ ବୁଲେଇଲା ସଦାନନ୍ଦ । ନେଇକି ଧାଡ଼ିର ସବା ଶେଷରେ ଥୋଇଲା । ଯୋଉଠି ଥୁଆ ହୋଇଥିଲା ଗୋଟେ ନେଭି ବ୍ଲୁ କଲର୍ ସ୍ୱିଫ୍ଟ୍ ଡିଜାୟର୍ । ଗାଡ଼ିର ମାଲିକ ଗୋଟେ ଟୋକାଟିଏ । ଭିତରେ ବସି ବସି ମୋବାଇଲ୍‌ରେ ଗୃଟିଂ କରୁଛି ବୋଧେ । ସେତେବେଳକୁ ଖରା ମୁଣ୍ଡ ଉପରକୁ ଉଠୁଛି ।

'କୋଉଠି ଗୋଟେ ଗ୍ଲ ପିଇଲେ ହୁଅନ୍ତା ।' ଝରକା କାଚ ଉଠାଉ ଉଠାଉ ଭାବିଲା ସଦାନନ୍ଦ । ଦାନ୍ତ ନ ଘଷି ତରତର ହୋଇ ଖାଲି ମୁହଁଟା ଧୋଇଦେଇ ଗାଡ଼ି ଧରି ଆସିଛି । କାଚ ଉଠେଇ ଡୋର୍ ବନ୍ଦ କଲାବେଳକୁ ଆଉ ଦୁଇଟା ଗାଡ଼ି ଆସି ପଛରେ ଲାଗିଲା । ସେଇ ସମୟରେ ସୋ'ରୁମ ତରଫରୁ ଜଣେ ଲୋକ ଆସି ତାକୁ ପାଣି ଯାଚିଲା । ତାକୁ ଦେଖିକି ସଦାନନ୍ଦ ଚିଡ଼ି ଉଠିଲା । ଲୋକଟା ଗୋଟେ ଟିଣ ବାଲିତରେ ପାଣି ଆଣି ପ୍ଲାଷ୍ଟିକ୍ ମଗରେ ଦେଉଥିଲା ।

ସଦାନନ୍ଦ ଚିଡ଼ିକି କହିଲା _ ହେଃ ଯା ଏଠୁ... ଆମକୁ କ'ଣ ଗାଇଗୋରୁ ଭାବିଲୁ ନା କଣ ? ଶଳା କୁଣ୍ଡାପାଣି ଦେଉଛୁ ?

ସଦାନନ୍ଦର ଗ୍ରେପ ଦେଖିକି ଲୋକଟା ଡରିଗଲା । ସେ ଆଉ ଆଗକୁ ନ ଯାଇ ପଛକୁ ଫେରିଗଲା । ବୋଧହୁଏ ସଦାନନ୍ଦର କଥା ବାଧିଲା । ଆଗ ଗାଡ଼ିର ଲୋକ ଆସିକି କହିଲା - ସାର୍ ଆପଣ ଭଲ କରିଛନ୍ତି, କାର ମାଲିକ ମାନେ ପ୍ଲାଷ୍ଟିକ୍ ମଗରେ ପାଣି ପିଇବେ ? ଆମର ପ୍ରେଷ୍ଟିଜ୍ ନାହିଁ ନା କଣ ?

ସଦାନନ୍ଦ ଲୋକଟାକୁ ଗ୍ରହିଁଲା ନାହିଁ । ତା କଥାରୁ ଜଣାପଡୁଛି, ଏଟା ଗାଡ଼ିର ମାଲିକ ନୁହେଁ, ଡ୍ରାଇଭର । କିଛି ସମୟ ଆଗରୁ ସେ ଲୋକଟା ପାଖରୁ ପୁରା ମଗ୍ ପାଣି ମାଗି ପିଇଥିବାର ସେ ଦେଖିଛି । ଏବେ ଗ୍ରେର ଗଳାପରେ ତୋଡ଼ ଦେଖେଇହଉଛି ।

ସଦାନନ୍ଦ ତାକୁ କହିଲା, ଭାଇ ଗାଡ଼ିରେ ଗ୍ରବ ଲାଗିଚ । ମୁଁ ଟିକେ ଏଇ ସାମ୍ନାରେ ଗ୍ରଆ ପିଇକି ଆସେ । ଅସୁବିଧା ହେଲା ଡାକିବ ।

ଲୋକଟା ବୋଧହୁଏ ଭାବିଥିଲା ସଦାନନ୍ଦ ତାକୁ ଗ୍ଲ' ପିଇବା ପାଇଁ ଡାକିବ ।




ସଦାନନ୍ଦର ଛୋଟିଆ ଫର୍ଣ୍ଣିଚର ବ୍ୟବସାୟ ଭିତରେ କାର୍‌ଟିଏ କିଣିବା ସହଜ କଥା ନଥିଲା । ହେଲେ ପତ୍ନୀ ସୁମିତ୍ରା ହିଁ ଜିଦ୍ କରିଥିଲା ଗାଡ଼ି କିଣିବାପାଇଁ । ବହୁତ ଥର ସେଇ ଗୋଟିଏ କଥା କହୁଥିଲା - ଭଲରେ ମନ୍ଦରେ କୁଆଡ଼େ ଗୋଟେ ଯିବାକୁ ହେଲେ କାର୍ ଖୁବ ସୁବିଧା । ତା'ପରେ ଆଜିକାଲି ଆଉ କାହା ଘରକୁ ବାଇକରେ ଗଲେ ସୁନ୍ଦର ଦିଶୁନି । ପଇସା ଆସିବ ଯିବ । ମଣିଷ ଏମିତି କୁଣ୍ଠେଇକି କାହିଁକି ଚଳିବ ? ଯାହା ଏନ୍‌ଜୟ କରିବ ଏଇ ଯୁବକ ସମୟରେ ନା ! କିଛି ନ ହେଉଛି ଯଦି ନାନୋ ଗାଡ଼ିଟେ ହେଉପଛେ କିଣିଦିଅ ।

ପତ୍ନୀଙ୍କ କଥା ଶୁଣି ସଦାନନ୍ଦ ଭିତରେ ଭିତରେ ଚିଡ଼ିକି ବାଇଶି କୁଟା ହେଇଗଲା । କେମିତି ଛେପ ଢୋକିକି ସେ ପଇସା ରୋଜଗାର କରୁଛି, ମାଇକିନା ବୋଧେ ଜାଣିପାରୁନି । ନହେଲେ ଏମିତି ଆଡ୍‌ଡା ଚଉଡ଼ା କଥା ବାହାରିଥାନ୍ତା ? ବୋପାକୁ କହିଲୁନି ଗୋଟେ ଯୌତୁକରେ ଦେଇ ଦେଇଥାନ୍ତା ।

କିନ୍ତୁ କାହିଁକି କେଜାଣି ସେ ପୁଣି ଭାବିଲା, କଥା ବି ତ ଠିକ୍ । ଏ ଧନ ସମ୍ପତ୍ତି ଧରି କିଏ ସେ ଗାତକୁ ଯିବ ? ଶେଷରେ ପଚାରିଲା ତା ହୋଲସେଲର ବୁଢ଼ା ମିଶ୍ରିଲାଲକୁ । ମାରୁଆଡ଼ି ବୁଢ଼ା ମହାହିସାବି । ସଦାନନ୍ଦକୁ ଲାଗେ ସେ ଟଏଲେଟକୁ ବି କାଲ୍‌କୁଲେଟର ନେଇ ଯାଉଥିବ । କେତେ ହଗିବମୁତିବ ସେ ହିସାବ ବି କରୁଥିବ । ସେଇ ବୁଢ଼ା ହିଁ କୁଣ୍ଠେଇକି କହିଥିଲା - 'ସଦାନନ୍ଦଜୀ, ଆଜ୍‌କଲ କେ ଜମାନେ ମେଁ ଏକ ଫୋର୍ ହ୍ୱିଲର୍ ତୋ ଜରୁର ଚାହିଏ । ବାଲବଚ୍ଚା ଲେକେ କହିଁ ଯାଏଙ୍ଗେ ତୋ ଭଡ଼େ ପେ ଆଟୋ ଲେତେ ହ ହୈ ନା ? ଫିର୍ ଇସମେ ପ୍ରେଷ୍ଟିଜ୍ ବଢ଼େଗା । ପୈସା ତୋ ପୈସା ହୈ ସାହେବ୍ । ୟେ କଭି କିସିକେ ପାସ୍ ରହତା ହେ କ୍ୟା ?'

କାହା ପାଖରେ ରହୁ ନ ରହୁ, ଶାଳା ମାରୁଆଡ଼ି ତୋଅର ପାଖରେ ନିଶ୍ଚୟ ରହିବ । କୋଟି କୋଟି ଟଙ୍କା ତଳେ ରଖି ମାଡ଼ି ବସିଛୁ, ନିଜେ ଦେଖିଲା ବେଳକୁ ଗୋଟେ ଭଙ୍ଗା ଦଦରା ବଜାଜ ସ୍କୁଟରରେ ଦୋକାନ ଆସୁଛୁ । ଆଜିକାଲି ଅନ୍ୟକୁ ବୁଦ୍ଧି ଦେବା ଲୋକଙ୍କ ଅଭାବ ନାହିଁ । ତେବେ କାହିଁକି କେଜାଣି ସେଇଦିନୁ ଗୋଟେ କାର୍ କିଣିବାକୁ ସଦାନନ୍ଦର ଝୁଙ୍କ୍ ଧରିଥିଲା । ଆଉ ଶେଷରେ ଏଇ ଗାଡ଼ି ଆସିଲା । ଆଜକୁ ଆଠମାସ ହେଲାଣି ।

-ଆଜ୍ଞା ଆସନ୍ତୁ, ଗାଡ଼ି ପଛକୁ ପଛ ଲାଗିଗଲାଣି ।






ଗୁ ପିଉଥିବା ସଦାନନ୍ଦକୁ ଡାକୁଥିଲା ତା ଗାଡ଼ି ସାମ୍ନାରେ ଥିବା ଗାଡ଼ିର ମାଲକ ପର ଦଶୁଥିବା ଡ୍ରାଇଭର ଜଣକ । ଗୁ ପଇସା ଦେଇ ଗାଡ଼ି ପାଖକୁ ଗଲା ବେଳକୁ ସତକୁ ସତ କେତେଟା ଗାଡ଼ି ତା ଗାଡ଼ି ପଛରେ ଲାଗିଯାଇ ହର୍ଣ୍ଣ ମାରବାରେ ବ୍ୟସ୍ତ । କାରଣ ଆଗ ଗାଡ଼ି ସବୁ କଛ ବାଟ ଆଗେଇ ଗଲେଣି । ଏଇ ମଉକାରେ କଏ ଗୋଟେ ତା ଗାଡ଼ିକୁ ସିଧା ଆଣି ସଦାନନ୍ଦ ଗାଡ଼ି ଆଗରେ ଢୁକେଇଲାଣି । ତ ସଦାନନ୍ଦ ଜୋରରେ ହର୍ଣ୍ଣ ଦେଇ ତାକୁ ଏଥିରୁ ବାରଣ କରବାକୁ ଚେଷ୍ଟା କଲା, କନ୍ତୁ ଲୋକଟା କଛ ନମାନ ତା ଆଗରେ ହିଁ ଗାଡ଼ି ରଖିଲା ।

ଆଶ୍ଚର୍ଯ୍ୟ ! ! ଲୋକଟାକୁ ସୌଜନ୍ୟ ବ ଜଣାନାହିଁ ନା କଣ ? କ ଅଭଦ୍ର ଭଳ ଗାଡ଼ିଟାକୁ ଆଣି ତା ଆଗରେ ରଖିଲା ସେ ଜାଣିପାରୁନ । ଆଜକାଲ ଲୋକଙ୍କ ଭିତରେ ସତରେ ସୌଜନ୍ୟବୋଧ କମି କମି ଗଲାଣି । ଲେଖକ ମନୋଜଦାସ ଥରେ ଗୋଟିଏ ଭାଷଣ ପ୍ରସଙ୍ଗରେ କହୁଥିଲେ, ଆଗ ସମୟରେ ଯେତେବେଳେ ପଙ୍ଗତରେ ବସି ଖାଉଥିଲେ, ସେତେବେଳେ ଲୋକଙ୍କ ସୌଜନ୍ୟ ସତରେ ଦେଖିବାର କଥା ଥିଲା । ଲୋକେ ନଜପତ୍ରରୁ ଖାଦ୍ୟ ସରଗଲେ ଯେତକ ବ୍ୟସ୍ତ ହେଉନଥିଲେ, ପ୍ରତବେଶୀର ପତ୍ରରୁ ଖାଦ୍ୟ ସରଗଲେ ସେତକ ବ୍ୟସ୍ତ ହେଉଥିଲେ । ଏ ସୌଜନ୍ୟ ସତରେ ଆଜକାଲ କାହିଁ ଯେ ?

- ଆଜ୍ଞା ଆପଣଙ୍କର ସୌଜନ୍ୟ ବୋଲ କଛ ନାହିଁ ଦେଖୁଛ ?

ଗାଡ଼ି ଷ୍ଟାର୍ଟ୍ ବନ୍ଦକର ସଦାନନ୍ଦ ତା ଗାଡ଼ି ଆଗରେ ଗାଡ଼ି ରଖିଥିବା ଗାଡ଼ି ଚ୍ଚାଳକଙ୍କୁ ଚଡ଼ିକର କହଲା । ଲୋକଟା ଆଦୌ ପିଲା ନୁହେଁ । ଅଧିକ ବୟସର ଲାଗୁଛ, ଏଇ ପଚ୍ଚାଶରୁ ପଞ୍ଚାବନ । କୌଣସି ସରକାରୀ ଅଫିସର କ୍ଲାସ୍ ଟୁ ଚ୍ଚାକରଆ ପର ଲାଗୁଛ । ବାଳ ପାଚ ଆସିଲାଣି । ସାର୍ଟ୍ ପ୍ୟାଣ୍ଟ୍ ଇନ୍ କର ପିନ୍ଧିଛ । ଭଦ୍ର ଅଫିସରଆ ପର ଲାଗୁଥିଲେ ବ ଏମିତ ଗୋଟେ ଅସୌଜନ୍ୟ କାମ କରବାକୁ ତାକୁ ଆଦୌ ବାଧିନ । ତା ମୁହଁରୁ ସେମିତ ଲାଗୁଥିଲା । ସଦାନନ୍ଦର ବାରମ୍ବାର ପ୍ରଶ୍ନ ସତ୍ତ୍ୱେ ସେ କଛ କହୁନଥିଲା । ଗାଡ଼ି ଷ୍ଟାର୍ଟ୍ ବନ୍ଦକର, ଯେମିତ କଛ ଭୁଲ କରନ ସେମିତ ଭାବଭଙ୍ଗୀରେ ବସିଛ ।

- ମୁଁ ପର ଆପଣଙ୍କୁ ପଚ୍ଚାରୁଛ ? ପଛରେ କେତେ ଲୋକ ଗାଡ଼ି ଠିଆ କରଛନ୍ତ, ଆପଣ କୋଉ ଅକଲରେ ନଜ ଗାଡ଼ିଟାକୁ ଆଣି ଆଗରେ ଥୋଇଦେଲେ ? ଦୁନଆରେ ନୟମ କାନୁନ ବୋଲ କଛ ଅଛ ନା ନାହିଁ ?





ସେ ଲୋକର କାର୍ ଡୋର୍ ନକଟରେ ଠିଆ ହୋଇ ପୁଣି ପଗ୍ଚରଲା ସଦାନନ୍ଦ । କନ୍ତୁ ଆଶ୍ଚର୍ଯ୍ୟ ! ତଥାପି ଲୋକଟା ନରୁତ୍ତର ରହଲା । ଏବେ ସେ ତା ଗାଡ଼ି ସାମ୍ନା ଡ୍ର’ରୁ ଗାଡ଼ି ଲଗ୍ ବୁକ୍ ଓ ଅନ୍ୟ କାଗଜପତ୍ର ବାହାର କରୁଥିଲା । ତା ଆଚରଣ ଦେଖି ସଦାନନ୍ଦ ସତରେ ଚଡ଼ିବା ଆରମ୍ଭ କରଥିଲା । ପ୍ରଥମେ ସେ ଭବଥିଲା, ସେ ଯିଏ ହେଉ ବରଂ ତାକୁ ଦଇଟା ପ୍ରଶ୍ନ ପଗ୍ଚର ଅପଦସ୍ତ କରବ, କନ୍ତୁ ଶେଷରେ କ୍ଷମା କରଦେଇ କହବ - ‘ହଉ ହଉ ଛାଡ଼ନ୍ତୁ, ଆଉ କେବେ ବ ଏମିତ ବ୍ୟବହାର କୋଉଠି ଦେଖେଇବେ ନାହିଁ, ନହେଲେ ମାଡ଼ ଖାଇବା ନଶ୍ଚିତ । ଆପଣ ସବୁଠି ମୋ ପର ଭଲଲୋକ ପାଇବେ ନାହିଁ ।’


କନ୍ତୁ ତା ଆଚରଣରୁ ଲୋକଟି ଲାଗୁଛ, ଏଟା ଗୋଟେ ଢିଅ ଗାଲୁଆ । ସଦାନନ୍ଦ ଭାବଲା, ଏ ସରକାରୀ ଅଫିସରଗୁଡ଼ା କଣ ସବୁ ଏମିତଆ ଗାଲୁଆ ? ସରକାରକୁ ମାରପିଟିକ ଖାଇଲେ । କନ୍ତୁ ଧର୍ ପଡ଼ିଲେ କମ୍ପା ଶୋଦାବୋକା କଲେ ସୁଧାର ଗାଇଙ୍କ ପର ଆଦୌ ମୁହଁ ଖୋଲନ୍ତୁ ନାହିଁ ।

ସଦାନନ୍ଦର ପାଟିଗୋଳ ଶୁଣି ଧାଡ଼ିର ପଛରେ ଠିଆ ହୋଇଥିବା କାର୍ ବାଲାଏ ଆସି ତା ପାଖରେ ପହଞ୍ଚି କାମୁଡ଼ା କୁକୁର ଦୃଷ୍ଟିରେ ଲୋକଟିକୁ ଗ୍ଚହୁଁଥିଲେ, ଯେମିତ ଧ କହଲେ ମାଡ଼ିବସିବେ । କଛ ସମୟ ପରେ ଶର୍ମା ମୋଟର୍ସର ସିକ୍ୟୁରଟି ଆସିକ ପହଞ୍ଚିଲା । କନ୍ତୁ ଏତେ ସବୁ ସତ୍ତ୍ୱେ ଲୋକଟି ଆଦୌ ବଚଳତ ହେଲା ପର ଲାଗୁନଥିଲା ।

- ଆପଣ ଧାଡ଼ିରୁ ଗାଡ଼ି ବାହାର କର ପଛକୁ ନଅନ୍ତୁ । ସକାଳୁ ଯିଏ ଗାଡ଼ି ଆଣି ଏଠି ଅପେକ୍ଷା କରଛନ୍ତି ସେମାନେ କଣ ଆଞ୍ଜା ଭକୁଆ ? ଆପଣ ଆମଠାରୁ ଘଣ୍ଟାଏ ପରେ ଆସିକ ଗାଡ଼ିଟିକୁ ଆଣି ଆଗରେ ଗେଞ୍ଜି ଦେଉଛନ୍ତି ? କ ସାହାସ ଆପଣଙ୍କର ?

ପଛ ଗାଡ଼ିବାଲାଙ୍କ ଭତରୁ ସବୁଠୁ ଟୋକା ଦଶୁଥିବା ପିଲାଟା, ମଝିରେ ଆଣି ଗାଡ଼ି ଢୁକେଇଥିବା ଲୋକଟାକୁ କହଲା । ଏଥର ଲୋକଟା ଟିକଏ ସଦାନନ୍ଦ ଓ ତା ସହତ ଥିବା ଅନ୍ୟ ଲୋକମାନଙ୍କୁ ଅନେଇଲା ଓ ଗାଡ଼ିରୁ ବାହାରଲା ।

- କନ୍ତୁ ଆପଣମାନେ ଏତେ ବ୍ୟସ୍ତ ହେଉଛନ୍ତି କାହିଁକ ? ଯେମିତ ମୁଁ ଗୋଟେ ବୋମା ଫିଙ୍ଗି ଦେଇଛ । ଦେଖିଲ ଫାଙ୍କା ଥିଲା, ଗାଡ଼ିଟା ଆଣି ଭର୍ତ୍ତି କରଦେଲ । ମୋତେ ଲାଗୁଛ ଆପଣମାନଙ୍କ ସୌଜନ୍ୟବୋଧ ଟିକଏ କମ୍ ।



କ ଆଶ୍ଚର୍ଯ୍ୟ ! ଗାଲୁଆଙ୍କ ମୁହଁ ଟାଣ !! ନଜେ ଭୁଲ କରଛ, କନ୍ତୁ ଅନ୍ୟମାନଙ୍କୁ ସୌଜନ୍ୟ ଦେଖାଉଛ । ଶିକ୍ଷିତ ଲୋକ ଗାଲୁଆ ହେଲେ ଏଇ ଅସୁବଧା । ଅନେକ ଭାଷା ଲଗେଇ ଯୁକ୍ତି କରବେ । କହୋ ବାବୁ ଭୁଲ ତ କରଛ, ଏତେ ଟାଣ କାହିଁକ ?

- ଆପଣଙ୍କ ପର ବୟସ୍କ ଲୋକଙ୍କଠାରୁ ଏହା ଆଶା କରଯାଏନା । ଆପଣ ଏମିତ ଭୁଲ କଲେ ପିଲାମାନେ କଣ ଶିଖିବେ ?

ଲୋକଟାର ମୋରାଲ୍ ଡାଉନ କରବାକୁ କହଲା ସଦାନନ୍ଦ । ସେଠି ଏକାଠି ହୋଇଥିବା ଆଉ କେତେକ ଗାଡ଼ିବାଲା ବ ତାଙ୍କୁ ଦୁଇ ଦୁଇ ପଦ ଶୁଣେଇଲେ । କନ୍ତୁ ଲୋକଟି କାହା କଥାରେ ବେଶୀ ବବ୍ରତ କମ୍ବା ପ୍ରଭାବତ ହେଲାପର ଲାଗୁନଥିଲା । ସେ ନଜ ଗାଡ଼ିର ଡିକରୁ କଣ ସବୁ ବାହାର କରୁଥିଲା ।

- ଆପଣମାନେ ଜାଣନ୍ତ, ପୃଥିବୀର କେତେ ସଂଖ୍ୟାରେ ଗ୍ଲୋକ ଲୋକ ଅଛନ୍ତ ଓ ସେମାନଙ୍କ ସଫଳତା ପାଇବାର ରାସ୍ତାଗୁଡ଼ିକ ସବୁ କଣ ?

ଲୋକଟି ଡିକ ଭତରୁ ଗୋଟେ ଜରରେ ପଶିଥିବା ମୋଟା ଇଂଲଶ ବହ ବାହାର କର ତାକୁ ପୋଛୁ ପୋଛୁ କହଲା । ବହଟିଏ ନାଁ ବୋଧହୁଏ, 'ୟୁ କ୍ୟାନ୍ ୱିନ୍' । ତା'କଥା ଶୁଣି କେବଳ ସଦାନନ୍ଦ ନୁହେଁ, ସେଠି ଥିବା ଅନ୍ୟ ଲୋକମାନେ ବ କଛ ବୁଝିପାରଲେ ନାହିଁ । ସମସ୍ତେ କେବଳ ପରସ୍ପର ମୁହଁକୁ ଗ୍ହୁଁଥିଲେ, ଯେମିତ କୌଣସି ଘରର କବାଟ ଖୋଲଲା ବେଳକୁ ସେମାନଙ୍କ ସାମ୍ନାରେ ଉଭା ହୋଇଛ ଏକ ବଶାଳ କାଷ୍ଠ ନର୍ମିତ ପ୍ରଶ୍ନ ଚହ୍ନ । ସଦାନନ୍ଦ, ଲୋକଟିର ଧୈର୍ଯ୍ୟ ଓ ବେପରୁଆ ପଣକୁ ସତରେ ଧନ୍ୟବାଦ ଦେବାକୁ ଗ୍ହୁଁଥିଲା । କୌଣସି ବ୍ୟକ୍ତି ସେତକ ବଙ୍କା କମ୍ବା ସେତକ ଗାଲୁଆ ନ ହୋଇଥିଲେ, ଏତେ ପ୍ରତରୋଧ ଓ ପ୍ରତକୂଳ ଘଟଣା ସତ୍ତ୍ୱେ ଏତେ ଶାନ୍ତ ଓ ବବ୍ରତଶୂନ୍ୟ ଭାବରେ ଆଚରଣ ପ୍ରଦର୍ଶନ କରବା ସମ୍ଭବ ନୁହେଁ । ତେବେ ଲୋକଟି ତା'ର କଥା ସାରନଥିଲା ।

- ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଅଧିକାଂଶ ସଫଳ ଲୋକଙ୍କୁ ସଫଳତା ପାଇବାକୁ ବେଶୀ କଷ୍ଟ କରବାକୁ ପଡ଼ିନାହିଁ । ସେମାନଙ୍କ ମୁଖ୍ୟ ଉପାୟ ହେଲା, ବୋକା ମାନଙ୍କୁ ପରଗ୍ଳନା କରବା ।

ସମବେତ କାର୍ ମାଲକ କମ୍ବା ଡ୍ରାଇଭର ମାନଙ୍କର ଏଥର ପୁଣି ଆଶ୍ଚର୍ଯ୍ୟ ଓ ବରକ୍ତ

ହେବାର ପାଳ । ସେତେବେଳକୁ ଲୋକଟି ତା ଗାଡ଼ିର ଡିକ ବନ୍ଦ କରି ବହିଟିକୁ ଧରି ତା ଡ୍ରାଇଭର ସିଟରେ ବସି ସାରିଥିଲା ଓ ବହିଟିର ନିର୍ଦ୍ଦିଷ୍ଟ କୌଣସି ଏକ ଅଧ୍ୟାୟର ପ୍ରଥମ କେତୋଟି ଧାଡ଼ି ପଢ଼ିବା ଆରମ୍ଭ କରିଥିଲା । ତା ଆଚରଣରୁ ଏହା ସମସ୍ତେ ଅନୁମାନ କରିବା ସହଜ ମଣୁଥିଲେ ଯେ, କାର ମାନଙ୍କର ଏ ଧାଡ଼ିରୁ ସେ ତା ଗାଡ଼ି ବାହାର କରି ପଛକୁ ନେବାର କୌଣସି ବିଶେଷ କାରଣ ପାଉନାହିଁ ।

ସେତେବେଳକୁ ସକାଳର ଖରା ଧିରେ ଧିରେ ଟାଣ ହେଉଥିଲା ଏବଂ ଜାତୀୟ ରାଜପଥରେ ଲାଇନ୍ ଟ୍ରକ ସବୁ ଗୋଡ଼ାଗୋଡ଼ି ହୋଇ ଅରଣା ମଇଁଷିପରି ଧାଉଁଥିଲେ । ମଝିରେ ମଝିରେ କନକନ ହରିଣ ପରି ଛୋଟିଆ ଛୋଟିଆ କାର୍ ପିଁ ପାଁ ହୋଇ ଉଭାନ୍ ହୋଇଯାଉଥିଲେ । ସେ ଦୋକାନୀ ଚା'ଟା ଭଲ କରିଥିଲା, କିନ୍ତୁ ଏ ଶଳା ଲୋକଟା ଚା'ଟାକୁ ଉପଭୋଗ କରିବାକୁ ଦେଲା ନାହିଁ ।

ଠିକ୍ ସେତିକି ବେଳେ ସଦାନନ୍ଦ ଭାବୁଥିଲା ଯେ, ଆଉ ଏ ଗାଲୁଆ ଲୋକଟା ସାଙ୍ଗରେ ଲାଗିକି କିଛି ଲାଭ ନାହିଁ, ବରଂ ଯାକୁ ଏଇଠି ଛାଡିଦେଇ ଆଉ ଗୋଟିଏ ଚା' ପିଇଲେ ଭଲ ହୁଅନ୍ତା, ଠିକ୍ ସେତିକି ବେଳେ ଘଟିଲା ଏକ ଅଭାବନୀୟ ଘଟଣା । ଲୋକଟିର ଗାଲୁଆମିକୁ ସହ୍ୟ କରିନପାରି, ସବୁଠାରୁ ପ୍ରଥମେ ବିରକ୍ତି ସୂଚକ ମନ୍ତବ୍ୟ ଦେଇଥିବା, ଅପେକ୍ଷାକୃତ ଟୋକା ଦିଶୁଥିବା ଗାଡ଼ିବାଲାଟି ହଠାତ୍ ଗାଡ଼ି ଭିତରେ ବସି ବହି ପଢୁଥିବା ସେ ଲୋକଟାକୁ ଗୋଟେ ବିଚିତ୍ର ଘୁସି ମାରିଲା ।

- ଶଃ ହାରମୀ, ଗାଲୁଆ... ଗାଡ଼ି ଆଣିକି ଧାଡ଼ି ଭିତରେ ପୁରେଇକି ଗାଲୁଆମୀ କାଢୁଛୁ ? ତତେ ଆଜି ଯଦି ସଫଳ ହେବାର ଗୁରୁକାଠି ନ ଦେଇଛି, ଶଳା...XXXX ଧଳାହାତୀ... ସରକାରୀ ଶଙ୍କର...

ହାଁ ହାଁ ହାଁ କହୁ କହୁ ପିଲାଟା ସେ ଲୋକଟା ମୁହଁରେ ଚାରି ପାଞ୍ଚଟା ମୁଥ ଲଗେଇ ସାରିଥିଲା ଓ ଲୋକଟି ଗାଡ଼ି ଭିତରେ ଏକ ପ୍ରକାର ଶୋଇବା ଅବସ୍ଥାକୁ ଆସିଯାଇଥିଲା ।

ଅପ୍ରତ୍ୟାଶିତ ଭାବରେ ଘଟିଥିବା ଏଭଳି ଅଘଟଣକୁ ହଠାତ୍ କେହି ଆଶା କରିନଥିଲେ । ସମବେତ ଅନ୍ୟ ଗାଡ଼ି ମାଲିକ କିମ୍ବା ଡ୍ରାଇଭର ଭାଇମାନେ ଦଉଡ଼ିଯାଇ ପ୍ରଥମେ ପିଲାଟିକୁ ଧରିବା ସହିତ ଗାଲୁଆମୀ ପାଇଁ ଘୁସି ଖାଇଥିବା ସେ ଲୋକଟାକୁ ସଷ୍ଟାଙ୍ଗ କଲେ । ସର୍ଭିସ

ସେଣ୍ଟର ସିକ୍ୟୁରିଟି ମଧ, ଗ୍ରେର ଗଲପରେ ପୋଲିସ ପହଞ୍ଚିଲା ପର ଆସି ପଛରେ ତୋଡ଼ମୋଡ଼୍ ଦେଖେଇଲା ଏବଂ ଭଦ୍ରଲୋକଙ୍କୁ ନେଇ ଏସି ଥଣ୍ଡାରେ ବସେଇ ପାଣି ଗିଲାସେ ପିଆଇଲା । ତେବେ ଏହ ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟକର ଦଗଟି ହେଲା, ଗାଲୁଆମୀ ପାଇଁ ମାଡ଼ ଖାଇଥିଲା ସେ ଲୋକଟାର ଆଚରଣରେ କୌଣସି ବଶେଷ ପରବର୍ତ୍ତନ ହୋଇଥିବା ପର କେହ ଲକ୍ଷ୍ୟ କରପାରଲେ ନାହିଁ ଏବଂ ତା ଗାଡ଼ିଟି ପୂର୍ବବତ ଧାଡ଼ିର ସେହ ସ୍ଥାନରେ ହିଁ ରହଲା, ଯେଉଁ ସ୍ଥାନପାଇଁ ଏତେ ସବୁ କାଣ୍ଡ ଘଟିଯାଇଥିଲା ।


ରବବାରର ଗୋଟିଏ ସୁନ୍ଦର ସକାଳ ଏମିତ ଅଘଟଣରେ ଆରମ୍ଭ ହେବ ବୋଲ ଭାବନଥିଲା ସଦାନନ୍ଦ । ସେ ଦୋକାନକୁ ଯାଇ ପୁଣି ଗୋଟେ ଗ୍ଲୁ କଣିଲା ଓ ତାକୁ ଧର ଗାଡ଼ିକୁ ପଳେଇ ଆସିଛ କ ନାହିଁ, ତା ବେଗପତ୍ର ଓ ବ୍ରୋସିଓର୍ ଧର ଆସି ପହଞ୍ଚିଲା ଗୋଟାଏ ଟାଇଭଡ଼ା ଚଇନଫିଟ୍ ଟୋକା । ତା ସାଙ୍ଗରେ ଗୋଟିଏ ଝିଅ ବ ଅଛ । ସେମାନଙ୍କ ମୁହଁକୁ ଦେଖିଲେ ଲାଗୁଥିଲା, ଏ ସାର ସଂସାରଟା ରାମରାଜ୍ୟ ପର ଚାଲୁଛ, ଗାଁ ଛକରେ କଦମ୍ବ ଫୁଲ ଫୁଟିଛ, ଆଉ କେଳ କରବାକୁ ଯେ କୌଣସି ସମୟରେ ଗୋପୀମାନେ ଉପଲବ୍ଧ । ହାଃ ହାଃ ହାଃ । କେଡ଼େ ହସ ହସ ଏମାନଙ୍କ ମୁହଁ ।

- ଏକ୍ସକ୍ୟୁଜ ମି ସାର୍... ମାଇଁ ସେଲ୍ଫ୍ ନକୁଞ୍ଜ

- ଆଣ୍ଡ ମାଇଁ ସେଲ୍ଫ ସମଷ୍ଟି... ସମଷ୍ଟି ଶର୍ମା...

ଗାଡ଼ିରେ ବସି ବସି ଗ୍ଲୁ'ଟାକୁ ଏନ୍‌ଜୟ କରବାକୁ ଭାବୁଥିଲା ବେଳେ ଏଇ ଦୁଇଜଣ ନଜ ପରଚୟ ଦେଲେ ଓ ଗୋଟିଏ ବ୍ରୋସିଓର୍ ସଦାନନ୍ଦ ହାତକୁ ବଢ଼େଇ ଦେଲେ । ଦୁଇଜଣ ଯାକ ପ୍ରାୟ ସମାନ ବୟସର ହେବେ, ଏଇ ଧର ପଚଶି କମ୍ବା ଛବଶି । ଝିଅଟିଠାରୁ ପୁଅଟା ଦେଖିବାକୁ ସୁନ୍ଦର । ଗୋଲ ମଟୋଲ୍ । ତେବେ ଝିଅଟାକୁ ବ ଅସୁନ୍ଦରୀ କହ ହେବନ । ସଦାନନ୍ଦକୁ କୌଣସି ଯୁଆନ୍ ଝିଅ ଅସୁନ୍ଦରୀ ଲାଗନ୍ତ ନାହିଁ । ଏ ଝିଅଟି ସୁନ୍ଦରୀ ଯେତେ ବେଶୀ ନୁହଁ ତାଠୁ ଅଧିକ ଆକର୍ଷଣୀୟ କହଲେ ଚଳବ । ଟିକଏ ଅଫ୍ କଲର୍ । ଏଇ ଧରନ୍ତୁ ଯଦ ପୁଅଟି ଶାହରୁଖ ଖାଁ ହେଲା, ତା ହେଲେ ଝିଅଟା ବପାଶା ବସୁ ହେବ । ଚେହେରା ବହୁତ ଆକର୍ଷଣୀୟ ଅବଶ୍ୟ ।

ସଦାନନ୍ଦ ଚଡ଼ିଯିବାର ଥିଲା, କାରଣ ଏତେସବୁ ଘଟଣା ଅଘଟଣ ପରେ ସେ ଆଉ ବକ୍





ବକ୍ ହେବାକୁ ଚାହୁଁନଥିଲା । କନ୍ତୁ ଝିଅଟାର ଆକର୍ଷଣକୁ ସେ ଏଡ଼ାଇ ଯାଇପାରିଲା ନାହିଁ । କିଛି ସମୟ ଏଇ ଦୁଇଜଣଙ୍କ ସହ ବିତେଇଲେ ମନ ହାଲୁକା ହୋଇଯିବ ଭାବିଲା ସେ । ଏ ଫ୍ରି ଗାଡ଼ି ସର୍ଭିସିଂ ପାଇଁ ଆସିକି ତ କିଛି ମିଳିଲା ନାହିଁ, ବର୍ତ୍ତମାନ ପର୍ଯ୍ୟନ୍ତ ଖାଲି ଗାଳିମନ୍ଦ ଝଗଡ଼ା ଓ ହାତାହାତି ସିନ୍ ହିଁ ଦେଖିବାକୁ ମିଳିଛି । ଏବେ ଗୋଟିଏ ରୋମାଣ୍ଟିକ୍ ସିନ୍ ହେଉ ।

ଗାଡ଼ି କବାଟ ଖୋଲି ସଦାନନ୍ଦ ବାହାରକୁ ଆସିଲା । ପ୍ଲାଷ୍ଟିକ ଗ୍ଲାସ୍ କପଟା ଫିଙ୍ଗିଦେଇ ଝିଅଟି ଦେଇଥିବା ବ୍ରୋସିଓର୍ ଉପରେ ଆଖି ପକେଇଲା ।

- ସାର୍ ଆମେ ହେଉଛୁ, କାର ଗାର୍ଡେନ୍ କମ୍ପାନୀର ଏକ୍‌ଜକ୍ୟୁଟିଭ୍ । ସିଧା କମ୍ପାନୀ ସହ ଆମର ଡିଲ୍ । ଆମ ପାଖରେ ଆପଣଙ୍କ କାରର ସୁନ୍ଦରୀକରଣ ପାଇଁ ସବୁ ଏଲିମେଣ୍ଟ ରହିଛି, କିନ୍ତୁ ଏବେ କମ୍ପାନୀ ଆମକୁ କେବଳ ଦୁଇଟି ପ୍ରଡକ୍ଟ ସେଲ୍ କରିବାକୁ କହିଛି । ଗୋଟିଏ ହେଲା ଆପଣଙ୍କ ଷ୍ଟିୟରିଂ କଭର୍ ଏବଂ ଅନ୍ୟଟି ହେଲା ଆପଣଙ୍କ ଗାଡ଼ିପାଇଁ ହାଇଫାଇ ଅଡ଼ିଓ ପ୍ଲେୟର୍ । ଦେଖନ୍ତୁ, ଯଦି ଆପଣଙ୍କୁ କୌଣସିଟା ବି ଭଲ ଲାଗିଲା ।

ସଦାନନ୍ଦ ବ୍ରୋସିଓର୍ ଦେଖୁ ଦେଖୁ ଝିଅଟି ତା ପାଖକୁ ଲାଗି ଆସି ଏତିକି କହିଲା । ଝିଅଟି ନିଜ ପୋଷାକରେ ଏକ ଅତୀବ ଆଘ୍ରାଣଯୁକ୍ତ ବଡ଼ି ସ୍ପ୍ରେର ବ୍ୟବହାର କରିଛି । ଏ ବାସ୍ନା ପୁଅଙ୍କୁ ପାଗଳ କରିଦେବ ନିଶ୍ଚୟ । ସକାଳର ନିତ୍ୟକର୍ମ ସାରିନଥିବା ସଦାନନ୍ଦ ପାଖକୁ ଲାଗିଆସି ଝିଅଟି ବେଶ୍ ସହଜ ଢଙ୍ଗରେ କମ୍ପାନୀର ପ୍ରଡ଼କ୍ଟ ବିଷୟରେ ବୁଝେଇବାରେ ଲାଗିଛି । ଝିଅଟିକୁ ଆଉ ଟିକେ ନିରେଖେଇ ଦେଖିଲା ସଦାନନ୍ଦ । ଗଠନ ବହୁତ ସୁନ୍ଦର ଓ ସନ୍ତୁଳିତ । ଝିଅଟି ଗୋଟେ ଚିପା ନ୍ୟାଭି କଲର ପ୍ୟାଣ୍ଟ ଓ ପତଳା ଧଳା ଗଞ୍ଜିକୁ ଇନ୍ କରି ପିନ୍ଧିଛି । ତେଣୁ ଦେହର ଗଠନ ସହଜରେ ବାରି ହେଇଯାଉଛି ।

ସଦାନନ୍ଦକୁ ଲାଗିଲା ସତେ ଯେମିତି ଝିଅଟି ନିଜ ଶରୀର ବିଷୟରେ ସମ୍ପୂର୍ଣ୍ଣ ଜାଣିଛି ଆଉ କଥା କହିବା ବେଳେ ତା ଅଙ୍ଗଭଙ୍ଗୀ ଓ ଆଖି ଚାଳନାରୁ ତାହା ସହଜରେ ଅନୁମେୟ ହେଉଛି । ଆଖାପାଖର ଗାଡ଼ିବାଲାଏ ମଧ୍ୟ ତାକୁ ଚାହିଁ ରହିଛନ୍ତି । ପୁଅଟି ଅବଶ୍ୟ ପଛକୁ ଅନ୍ୟ ଗାଡ଼ିବାଲାଙ୍କ ପାଖକୁ ଚାଲିଗଲାଣି ।

- ସାର୍ ଆପଣଙ୍କ କାରକୁ ନେଇ ଆପଣଙ୍କ ସ୍ୱପ୍ନ କ'ଣ ?

ଯେତେବେଳେ ସଦାନନ୍ଦ ଭାବୁଥିଲା, ଝିଅଟିକୁ ଗାଡ଼ି ଭିତରକୁ ଡାକି ନେବ ଏବଂ





ଭତରେ ବସି କଛ ସମୟ ନରୋଳାରେ ଗପିବ ସେତେବେଳେ ଏହ ପ୍ରଶ୍ନ ଝିଅଟି ପଗ୍ଚରଲା । ତା'ର ମନେ ପଡ଼ିଲା ଅନେକ ଦନ ତଳେ ପୀତାମ୍ବର ଓଝା ବୋଲ ଗୋଟିଏ ଲୋକ ଏମିତ ଏକ ପ୍ରଶ୍ନ ତା'କୁ ପଗ୍ଚରଥିବା କଥା । ପୀତାମ୍ବର ଏକ ବହୁରାଷ୍ଟ୍ରୀୟ କମ୍ପାନୀ 'ଆମୱେ'ର ଏଜେ । ସେତେବେଳେ ସେ ନୂଆ ନୂଆ କର ଆସିଥିଲା ସଦାନନ୍ଦ ରହୁଥିବା ଫ୍ଲାଟକୁ । ଦାଢ଼ୀ ରଖିକ ଗୋଟେ ସଫା ସୁତରା ପିଲା । 'କାଉ ମୁହଁରେ କା' ପର ତା ମୁହଁରେ ସବୁବେଳେ ଗୋଟିଏ ଅବାସ୍ତବ ହସ ଲାଖିକ ଥାଏ । ସଦାନନ୍ଦ ବୁଝିପାରେନ, ଚହ୍ନା ନାହିଁ କ ପରଚୟ ନାହିଁ ଅଥଚ ସବୁବେଳେ ଏମିତ ହସେ କାହିଁକ ? ଦନରେ ଯେତେଥର ଦେଖାହେବ ପଗ୍ଚରବ, କେମିତ ଅଛନ୍ତ ସାର୍ ? ଆମେ କେତେବେଳେ ଟିକେ ଫ୍ରି'ରେ କଥା ହେବା । ଦନେ ସଦାନନ୍ଦ ଆସି ବସାରେ ପହଞ୍ଚିଛ କ ନାହିଁ, ପୀତାମ୍ବର ଆସିକ ହାଜର । ସଦାନନ୍ଦ ପ୍ୟାଣ୍ଟସାର୍ଟ ବଦଳାଇ ବାଥରୁମ ଯିବାକୁ ବାହାରଛ, ପୀତାମ୍ବର ପଗ୍ଚରଦେଲା - ସାର୍ ଆପଣଙ୍କ ଜୀବନର ଲକ୍ଷ୍ୟ କଣ ?

ସଦାନନ୍ଦ ସେଦନ ସଂଧାରେ ଟିକେ ଭାଙ୍ଗ ମାରଦେଇ ଆସିଥିଲା । ନଶାଟା ହାଲୁକେଇ ହାଲୁକେଇ ଧରୁଥିଲା । ପୀତାମ୍ବର କଥା ନଶୁଣି ସେ ବାଥରୁମ୍ ଭତରକୁ ପଶିଗଲା ଓ ଭାବଲା - ଏ ଚଇନଫିଟ୍ ଗ୍ଚେଡ଼ଗଙ୍କୁ ଆଜ ଲୁଣମରଚ ଦେଇ ଗ୍ଚେବେଇକ ଖାଇବାକୁ ପଡ଼ିବ । ଆସିଛ ଆମୱେ ପଲସି କରବାପାଇଁ । କନ୍ତୁ ପୀତାମ୍ବରର ପ୍ରଶ୍ନ ସଦାନନ୍ଦକୁ ଦ୍ୱନ୍ଦରେ ପକେଇଲା ।


ସତରେ, ଏ ଜୀବନର ଲକ୍ଷ୍ୟ କଣ ? ସେ ନଜକୁ ନଜେ ଏ ପ୍ରଶ୍ନ କେବେ ପଗ୍ଚରନ । ଉତ୍ତର ଦେଲା - ଲକ୍ଷ୍ୟ ଆଉ କଣ, ଏକ ସୁନ୍ଦର ଓ ଅର୍ଥପୂର୍ଣ୍ଣ ଜୀବନ ଅତବାହତ କରବା ।

ପୀତାମ୍ବର ପଗ୍ଚରଲା - ଆପଣ କ'ଣ ଗ୍ଚହାନ୍ତ ନାହିଁ, ନଜର ଗୋଟେ ସୁନ୍ଦର ଘର ହେଉ ?

ସଦାନନ୍ଦ ଉତ୍ତର ଦେଲା - ପୃଥିବୀରେ କଏ ଗ୍ଚହେଁ ନାହିଁ ଏ କଥା ?

ପୀତାମ୍ବର ପୁଣି ପଗ୍ଚରଲା - ଆପଣ କଣ ଗ୍ଚହାନ୍ତ ନାହିଁ, ଆପଣଙ୍କ ମାଆ ସୁନ୍ଦର ଗାଡ଼ିରେ ବସି ମନ୍ଦର ଯାଆନ୍ତୁ ବୋଲ ?

ସଦାନନ୍ଦ ଉତ୍ତର ଫେରେଇଲା - ମାଆକୁ ଦୁନଆର ସବୁ ସୁଖ ଦେବାକୁ ଯେ ଗ୍ଚହେଁନାହିଁ ସେ ମଣିଷ ନୁହେଁ...





ପୀତାମ୍ବର ଏଥର ଅସଲ ମଞ୍ଜି କଥାକୁ ଆସିଲା - କିନ୍ତୁ ଆପଣ ଏଇ ସାଧାରଣ ଜୀବନ ଭିତରେ କଣ ଏ ସବୁ ହାସଲ କରପାରିବେ ?

- ମାନେ ?

- ମାନେ, ଅତି ସରଳ ସାର୍... ଏଇ ଚାକିରୀ ବ୍ୟବସାୟ... ଏଇ ଆୟରେ ଏ ସବୁଠୁ ଆପଣଙ୍କ ସ୍ୱପ୍ନ ବହୁ ଉର୍ଦ୍ଧ୍ୱରେ...

- ତା'ହେଲେ

- ଆପଣ ଦିନକୁ ମାତ୍ର ଘଣ୍ଟାଏ ସମୟ ଦେଲେ ଆପଣଙ୍କ ଜୀବନ ବଦଳିଯିବ ।

- କେମିତି.. ? ? ?

- ଏହାର ସରଳ ଉପାୟ ହେଲା ଆମଙ୍କୁ ସେବା କରିବା ।

- ସେବା ? ଏହା କଣ ଏକ ପ୍ରକାର ଦରିଦ୍ର ନାରାୟଣ ସେବା ?

- ହଁ, ସେଇୟା ବୋଲି ହିଁ ଭାବନ୍ତୁ ।

- ତା ହେଲେ କ'ଣ କରିବାକୁ ପଡ଼ିବ ?

- ଆପଣ ଆପଣଙ୍କ ଘରର ଏଇ ଜାଗାରେ ଗୋଟେ ବଡ଼ିଆ ସୁନ୍ଦର ଘର ଓ ଗାଡ଼ିର ଛବି ଟାଙ୍ଗନ୍ତୁ ।

- ଛବି !!!

- ହଁ... ଛବି । ସକାଳୁ ଉଠିଲେ ଯେତେବେଳେ ଆପଣଙ୍କ ଆଖି ଖୋଲିବ ଆପଣଙ୍କ ଆଖି ସାମନାରେ ଦେଖିବେ ଆପଣଙ୍କ ଜୀବନର ସ୍ୱପ୍ନକୁ...

ପୀତାମ୍ବରର କଥା ସବୁ ସଦାନନ୍ଦକୁ ଲାଗୁଥିଲା ଭାଗବତ ଟୁଙ୍ଗୀର ଚଉପଦୀ ପରି । ତା ଶରୀରରେ ଧିରେ ଧିରେ ସଂଚରି ଯାଉଥିଲା ଭାଙ୍ଗନିଶା । ଏଇ ସବୁ ବାର୍ତ୍ତାଳାପର ପାଖାପାଖି ପଇଁଚାଳିଶି ମିନିଟ୍ ପରେ ପୀତାମ୍ବର ତାକୁ ଆହୁରି ଅଧଘଣ୍ଟା ବୁଝାଇଲା ଆମଙ୍କ ବ୍ୟବସାୟ ସଂପର୍କିତ ସବୁ କଥା । ସଦାନନ୍ଦ ଚଢ଼ିଯିବା ଅବସ୍ଥାକୁ ଆସୁ ଆସୁ କହିଲା, ପୀତାମ୍ବର ବାବୁ, ଘଣ୍ଟାଏ ନୁହେଁ... ଆପଣ ଏ ଯେଉଁ କଥା କହିଲେଣି, ଇୟେ ମୋର ସାରା ଜୀବନ ନେଇଯିବ । ମୁଁ ଯେ ଦିନେ ବଡ଼ଲୋକ ହୋଇଯାଏ, ଏ କଥା ମୋ ମାଆ ଚାହେଁ । ସେ ବି କାରରେ ବସି ସଂସାର ବୁଲୁ ମୁଁ ଏକଥା ଚାହେଁ । କିନ୍ତୁ ଘର କମ୍ପା ଗାଡ଼ିଟିଏ ନ ହେଲେ ଯେ ମୋ ମାଆ ଆତ୍ମହତ୍ୟା

କରବ ସେମିତ ଅବସ୍ଥାରେ ମୁଁ ନାହିଁ । ଆପଣଙ୍କର ଏ ଆମଜ୍ଵେ ନୌଟଙ୍କି ପାଇଁ ସମୟ ନାହିଁ, ଅର୍ଥ ନାହିଁ କ ଇଚ୍ଛା ନାହିଁ । ତମେ ଯଦ ଜୀବନର ଅର୍ଥ ଭଲକର ବୁଝିଛ, ତା'ହେଲେ ଏମିତ ଫୋକଟ ଅବସ୍ଥାରେ କାହିଁକ ବୁଲ ବୁଲ ଆମଜ୍ଵେ କରୁଛ ?

ସଦାନନ୍ଦର ରାଗ ପଞ୍ଚମକୁ ଚଢ଼ିଯାଇଥିଲା । ଭାଙ୍ଗନଶା ପରେ ତାକୁ ବହୁତ ଯୋରରେ ଭୋକ ଲାଗୁଥିଲା । କନ୍ତୁ ପୀତାମ୍ବର ତାକୁ ଜୀବନର ତତ୍ତ୍ଵ ବୁଝେଇବାରେ ଲାଗିଥିଲା । ଖାଲ ପେଟରେ ଯଦ ତତ୍ତ୍ଵ ବୁଝେଇ ହୁଅନ୍ତା, ତେବେ ଦେଶର ସବୁ ଭକାରୀ ଦାର୍ଶନକ ହୋଇଯାଆନ୍ତେ । ତା କଥା ଶୁଣିବାପରେ ଅବଶ୍ୟ ପୀତାମ୍ବର ଏମିତ ଉଭାନ ହୋଇଗଲା ଯେ କେବେ ସାମ୍ନା ସାମ୍ନି ହେବାର ସାହାସ କରଲା ନାହିଁ । ତା ମୁହଁରେ ସଦାନନ୍ଦ ଆଉ କେବେ ପ୍ଲାଷ୍ଟିକ ହସ ଦେଖିନ ।

ସଦାନନ୍ଦ ଭବନାରୁ ଫେରଲା ବେଳକୁ ଝିଅଟି ଗାଡ଼ି ଭତରେ ବସି ଗୋଟେ ସୁନ୍ଦର ଷ୍ଟିୟରଂ କଭର କାଢ଼ି ସଦାନନ୍ଦ ଗାଡ଼ି ଷ୍ଟିୟରଂରେ ଲଗାଉଥିଲା । ସଦାନନ୍ଦ ବ ଗାଡ଼ି ଭତରେ ବସିଲା ଏବଂ ଝିଅଟିକୁ ନରଖେଇ ଦେଖିବାରେ ଲାଗିଲା । ବବାହ ପରେ ବୋଧହୁଏ ପ୍ରଥମଥର ସେ କୌଣସି ଯୁବତୀକୁ ଏତେ ପାଖରୁ ଏତେ ଲୋଲୁପ ଦୃଷ୍ଟିରେ ଦେଖୁଥିଲା ।

ସଦାନନ୍ଦ ପଗ୍ଡରଲା - ସମଷ୍ଟି ଆପଣଙ୍କ ଘର କୋଉଠି ?

ଝିଅଟି ସେମିତ କାମ କରୁ କରୁ ଉତ୍ତର ଦେଲା - ରାଉରକେଲା । ପ୍ରକୃତରେ ଆମ ଘର ଛତଶଗଡ଼ । କନ୍ତୁ ପାପା ରାଉରକେଲାରେ ଗ୍ଡକରୀ କର ଏଷ୍ଟାବ୍ଲସ୍ ହେଇଛନ୍ତ ।

ସମଷ୍ଟି ଗୋଟେ ଭଲଘରର ଝିଅ ପର ଲାଗୁଛ । ସଂସ୍କାର ଜଣାଅଛ । ଗୋଟେ ଭଲ ପ୍ରେମିକା ହେବାଭଳ ସବୁ ଗୁଣ ତା ଭତରେ ଖୁନ୍ଦି ହୋଇ ରହଛ । ଏଇ ରଙ୍ଗର ଝିଅ ସଦାନନ୍ଦକୁ ଭଲ ଲାଗନ୍ତ ।

- ତମ ପ୍ୟାରେଣ୍ଟସ୍ କଣ କରନ୍ତ ?

- ପାପା ଆର୍ଏସ୍ପି ରେ ଆକାଉଣ୍ଟାଣ୍ଟ ଥିଲା, ମାମା ହାଉସ୍ୱାଇଫ୍ । ଆଉ ମୁଁ ଜଣେ ଝିଅ ।

- ତା ମାନେ ତୁମେ ବେଶି ଗେଲ୍ଲାରେ ବଡ଼ ହୋଇଥିବ ।

ସଦାନନ୍ଦର କଥାରେ ସମଷ୍ଟି ସାମାନ୍ୟ ହସିଦେଲା । ଝିଅଟିର ଶରୀର ଖୁବ୍ ହୃଷ୍ଟପୁଷ୍ଟ ।

ପ୍ୟାଣ୍ଟ ଓ ବାନୟାନ୍ ପିନ୍ଧି ଡେଙ୍ଗୀ ଆଉ ହେଲ୍‌ଦି ଲାଗୁଛି । ଏବେ ସେ ସଦାନନ୍ଦର ଖୁବ୍ ପାଖରେ ବସିଛି । ତା ଦେହର ବାସ୍ନା ସାରା ଗାଡ଼ିରେ ଖେଳୁଛି । ସଦାନନ୍ଦର ଇଛା ହେଉଥିଲା ସମଷ୍ଟିକୁ ସନ୍ତର୍ପଣରେ ଆଲଙ୍ଗନ କରି ଜାବୁଡ଼ି ଧରିବାକୁ, କିନ୍ତୁ ସାହାସ କରିପାରିଲା ନାହିଁ ।

- ସାର ଆପଣ ଟିକେ ନିଜେ ଷ୍ଟିୟରିଂ ଧରି ଦେଖନ୍ତୁ, କେମିତି କଂଫର୍ଟେବଲ ଲାଗୁଛି । କଭର ଲଗେଇ ସାରିବା ପରେ ସମଷ୍ଟି ଏହା କହି ସଦାନନ୍ଦକୁ ସତେ ଯେମିତ ଆହ୍ୱାନ କରୁଥିଲା, ଏବେ ଆସନ୍ତୁ ସାର୍, ମୁଁ ପ୍ରସ୍ତୁତ ।

ଡ୍ରାଇଭର ସିଟରେ ବସିଥିଲା ସମଷ୍ଟି । ସଦାନନ୍ଦ ପାଖ ସିଟରେ ବସି ଷ୍ଟିୟରିଂକୁ ଟିକେ ଧରିଲା । ସତରେ ତାହା ଖୁବ୍ ମୁଲାୟମ ଲାଗୁଥିଲା । ଏଇ ସମୟରେ ସମଷ୍ଟି ସଦାନନ୍ଦର ହାତ ଉପରେ ହାତକୁ ଚିପିଧରି ହସି ହସି କହିଲା - ଖାଲି ଏମିତ ଧରିଲେ କଣ ହେବ ସାର୍ ? ଟିକେ ଚଳେଇକି ବି ଦେଖନ୍ତୁ । ଜାଣିପାରିବେ କେତେ ଭଲ ଲାଗୁଛି...

ଏହା କହି ସେ ସଦାନନ୍ଦର ହାତ ସହିତ ଷ୍ଟିୟରିଂକୁ ଦୁଇଚାରିଥର ବୁଲେଇ ଦେଲା । ସମଷ୍ଟିର ହାତ ଖୁବ୍ ଗରମ ଲାଗୁଥିଲା । ସେ ଖୁବ୍ ଦୁଷ୍ଟ ଝିଅଟିଏ ପରି ହସୁଥିଲା । ଲାଗୁଥିଲା ସେ ସଦାନନ୍ଦକୁ ଆକର୍ଷିତ କରିବାପାଇଁ କଥାସବୁ କହୁଛି । ତ ସେ ସତରେ ସମଷ୍ଟିର ହାତକୁ ଜାବୁଡ଼ି ଧରିଲା ଓ ଷ୍ଟିୟରିଂ ବୁଲାଉ ବୁଲାଉ କହିଲା - ଖାଲି ଷ୍ଟିୟରିଂ ଧରିଲେ କଣ ହେବ, ଗିୟର୍ ପଡ଼ିବ ଆଉ ଗାଡ଼ି ଚାଲିଲେ ହିଁ ମଜା ଲାଗିବନା ।

ସମଷ୍ଟି ବୋଧହୁଏ ବୁଝି ସାରିଥିଲା ସମଷ୍ଟିର ଇଶାରା । ସେ ଚୁପି ଚୁପି ହସୁଥିଲା । କହିଲା - ଆପଣଙ୍କ ଗାଡ଼ି ନିଜେ ଚଳେଇ ଦେଖନ୍ତୁ, କେମିତ୍ ଲାଗୁଛି ଜାଣିଯିବେନି...

ସଦାନନ୍ଦ ଉଲ୍ଲସିତ ହୋଇ ଆସୁଥିବା ବେଳେ ସମଷ୍ଟି ଡ୍ରାଇଭର ସିଟ୍ ଛାଡ଼ି ଠିଆ ହୋଇଯାଇଥିଲା । ସଦାନନ୍ଦ ନିଜ ସିଟରେ ବସିବା ପରେ ସମଷ୍ଟି ପାଖ ସିଟରେ ଆସି ବସିଯାଇଥିଲା । ଗାଡ଼ି ଷ୍ଟାର୍ଟ କରିଦେଇ ଲାଗିଥିବା ଲମ୍ବା ଲାଇନରୁ ବାହାରି ଆସୁଥିବା ସଦାନନ୍ଦ । ପାଖରେ ସମଷ୍ଟି । ପଛରୁ ଅନ୍ୟ ଗାଡ଼ିବାଲାଏ ଚାହିଁ ରହିଥିଲେ । ଫ୍ରି ସର୍ଭିସିଂ ପାଇଁ ଝଗଡ଼ା କରୁଥିବା ସଦାନନ୍ଦ ହଠାତ୍ ଅନୁଭବ କରୁଥିଲା ସତେ ଯେମିତ ସେ ଫ୍ରି ସର୍ଭିସିଂ ପାଇଁ ତା ମନରେ ଆଉ ଲୋଭ ବି ନାହିଁ ।

ଗାଡ଼ି ହାଇୱେ ଉପରେ ଅନବରତ ଚାଲିଥିଲା । ଅନେକ ଦୂର ଯିବାପରେ ସଦାନନ୍ଦ





କହୁଥିଲା -

- ତମ ପରି ଝିଅ ମତେ ଭଲ ଲାଗନ୍ତି ।

- କାହିଁକି ? ଗାଡ଼ି ଝରକାର ଟିଣ୍ଟେଡ୍ ଗ୍ଲାସ୍ ଦେଇ ବାହାରକୁ ଦେଖୁ ଦେଖୁ ସମଷ୍ଟି ପଚାରିଲା ।

- ଜାଣେନି, କିନ୍ତୁ ତୁମେ ଭିତର ଖୋଲା... ଆକାଶରେ ଉଡୁଥିବା ଏକ ବିଦେଶୀ ପକ୍ଷୀପରି...

- ପକ୍ଷୀର ବି ଦୁଃଖ ଥାଏ ।

- ଥାଇପାରେ... କିନ୍ତୁ ଦୁଃଖ କାହାର ନଥାଏ ?

- ଆପଣଙ୍କ ଦୁଃଖ କଣ ?

- ଖୋଜିଲେ ସବୁ ଦୁଃଖ ଆସି ପାଖରେ ବସିବେ, ନ ଖୋଜିଲେ କୁଆଡ଼େ ନଥିବେ... ସେଥିପାଇଁ ମୁଁ ସେଥିରେ ମାତେନି...

- ୱାଓ... ଗ୍ରେଟ୍ ଥିଙ୍କିଂ...

- ତମେ କଣ ତମର ସବୁ ସୁଖକୁ ଅନ୍ୟପାଖରେ ବାଣ୍ଟିଦିଅ ?


- ଇଚ୍ଛା ତ ହୁଏ ... କିନ୍ତୁ ନିଜ ପାଇଁ ତ କିଛି ସାଇତିବାକୁ ପଡ଼ିବ...

- ସାଇତିବ ଆଉ କାହା ପାଇଁ ?

- ଆପଣଙ୍କ ପରି ଖୋଲା ହୃଦୟର ଲୋକଟିଏ ପାଇଁ....

ଗାଡ଼ି ଗୋଟେ ବଡ଼ ପଡ଼ିଆ ମଝିରେ ଲାଗିଥିଲା । ଖୁବ୍ ନିଛାଟିଆ ଜାଗା । ପାଖରେ ଗୋଟିଏ ବସ୍ତି ଆଉ ଦୂର ଯାଏଁ ଖାଲି ବଣ । ସହରଠୁ ବେଶ୍ ଦୂରରେ । ଗାଡ଼ି ଭିତରେ ସଦାନନ୍ଦ ଓ ସମଷ୍ଟି ।... କେତେ ସମୟ ବିତିଯାଇଥିଲା ଶାନ୍ତ ପରିବେଶଟା ଅଶାନ୍ତ ହୋଇ ଉଠୁଥିଲା । ସଦାନନ୍ଦ ସମଷ୍ଟିକୁ ନିଜର ଅତି ନିକଟରେ ପାଇଥିଲା । କେମିତି ସମୟ ବିତିଗଲା ଜଣାପଡ଼ିଲା ନାହିଁ ।

ଗାଡ଼ି ଏବେ ସହର ମୁଖା ହୋଇ ଧାଉଁଥିଲା । ସଦାନନ୍ଦ ଉଲ୍ଲସିତ ଥିଲା, ସମଷ୍ଟି ନିଜ ବେଶ ଓ ପୋଷାକ ପରିପାଟିକୁ ସଜାଡ଼ିବାରେ ଲାଗିଥିଲା । ଏନ୍‌ଏଚର କଳାପିଚୁ ରାସ୍ତାରେ ଗାଡ଼ି ଗଳୁଥିଲା । ସମଷ୍ଟି ଝରକା ଖୋଲି ବାହାରୁ ଆସୁଥିବା ପବନକୁ ଅନୁଭବ କରୁଥିଲା ।



ସଦାନନ୍ଦ ମନେ ମନେ ଚିନ୍ତା କରୁଥିଲା, ସମଷ୍ଟି କଣ ସଦାନନ୍ଦକୁ ଭଲ ପାଏନି ? ସଦାନନ୍ଦ କଣ କେବଳ ଦେହଟିଏ ? ହେଇଥିବ । କିନ୍ତୁ ଫ୍ରି ସର୍ଭିସ୍‌ଟା ମନ୍ଦ ନଥିଲା ।

ଶର୍ମା ମୋଟର୍ସ ଆଗରେ ସଦାନନ୍ଦର ଗାଡ଼ି ଲାଗିଲା ବେଳକୁ ସମୟ ବେଶୀ ହୋଇନଥିଲେ ସୁଦ୍ଧା ଗେଟ୍ ପଡ଼ି ଯାଇଥିଲା । ସିକ୍ୟୁରିଟି କହିଲା, ଶହେ ଗାଡ଼ି ହୋଇଗଲା ଆଜ୍ଞା । ଆଜି ବନ୍ଦ । ପୁଣି ଆସନ୍ତା ରବିବାର ଦିନ ଫ୍ରି ସର୍ଭିସିଂ ହେବ । ଏଇ ସମୟରେ ସମଷ୍ଟିରୁ ଗାଡ଼ିରୁ ଓହ୍ଲେଇ ନିଜ ସହକର୍ମୀକୁ ଖୋଜି ଖୋଜି ସ୍କୁଟିନେଇ ଏକା ଏକା ରାଜରାସ୍ତାରେ ହଠାତ୍ କୁଆଡ଼େ ଉଭାନ୍ ହୋଇଯାଇଥିଲା ।

ଆରେ ରେ... ସମଷ୍ଟିର ମୋବାଇଲ୍ ନମ୍ବରଟା ବି ରଖିବାକୁ ସଦାନନ୍ଦ ଭୁଲିଗଲା । ହଉ ଯାଉ । ଦେଖିବା ଆଉ ରବିବାରକୁ...

amareshabiswal72@gmail.com
ଇ/୩୧୧, ୟୁନିଟ୍-୮, ଭୁବନେଶ୍ୱର-୧୨
ଫୋନ୍ : ୯୮୬୧୪୧୫୩୭୭ / ୯୭୭୭୫୮୮୮୯୧

# ବାତ୍ୟା ସମୟରେ ସାବଧାନତା




ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ପବନର ପ୍ରଭାବ

ବାତ୍ୟା ସମୟରେ ପ୍ରବଳରୁ ଅତି ପ୍ରବଳ ବେଗରେ ପବନ ବହିବାର ସମ୍ଭାବନା ରହିଥିବା ହେତୁ, ଯେତେଦୂର ସମ୍ଭବ ନିଜ ଘର କିମ୍ବା କୌଣସି ସୁରକ୍ଷିତ ସ୍ଥାନରେ ରହନ୍ତୁ, ଏବଂ ବାହାରକୁ ବାହାରନ୍ତୁ ନାହିଁ । ଦୁର୍ବଳ କୋଠାଘର, ଗୃଳଘର ଆଦି ସ୍ଥାନରେ ପବନର ପ୍ରଭାବରେ କାନ୍ଥ ଭାଙ୍ଗିପଡ଼ିବା କିମ୍ବା ଗୃଳ ଉଡ଼ିଯିବା ଅବସ୍ଥା ଦେଖାଦେଇ ପାରେ, ସେହିପରି ସ୍ଥାନ ଶୀଘ୍ର ପରିତ୍ୟାଗ କରନ୍ତୁ । ପବନର ବେଗ ଅନ୍ୟୁନ ଅଶିରୁ ଶହେ କିଲୋମିଟର ପ୍ରତିଘଣ୍ଟା ରହିଲେ ସୁଦ୍ଧା ଏହା ପ୍ରଭୂତ କ୍ଷତି ଘଟାଇପାରେ, ନିଜ ଘର ସାମନାରେ ଥିବା ଯାନବାହାନକୁ ଭଲଭାବରେ ସ୍ଥାୟୀ ସ୍ତମ୍ଭ କିମ୍ବା ଘରର ପିଲାର୍ ଆଦିରେ ବାନ୍ଧି ଦିଅନ୍ତୁ । ଘରର ଝରକା କବାଟ ଭଲକରି ବନ୍ଦ କରି ରଖନ୍ତୁ । ପବନ ପ୍ରଭାବରେ ଝରକାରେ ଲାଗିଥିବା କାଚ ଭାଙ୍ଗିଯାଇ ଘର ଭିତରେ ଅସ୍ତବ୍ୟସ୍ତ ଭାବରେ ପଡ଼ିଯାଇପାରେ ତେଣୁ କାଚ ଝରକା ନିକଟରେ ଘର ଭିତର ପାଖରୁ ଖବର କାଗଜ କିମ୍ବା କନା ଦେଇ ବନ୍ଦ କରି ଦିଅନ୍ତୁ । ପ୍ରବଳ ବେଗରେ ବହୁଥିବା ପବନରେ ଉଡ଼ି ଆସୁଥିବା ଧୁଳିକଣା ଆମ ଦେହରେ ଛୁଞ୍ଚିପରି ଫୋଡ଼ିହୋଇ କ୍ଷତ ସୃଷ୍ଟି କରିପାରେ, ଏବଂ ବିଶେଷତଃ ଚକ୍ଷୁରେ ଏହାର ପ୍ରଭାବ ଅଧିକ ହୋଇପାରେ, ତେଣୁ ଏଥିରୁ ନିଜକୁ ରକ୍ଷା କରନ୍ତୁ । ଛାତ ଉପରେ ଲାଗିଥିବା ଡିସ୍ ଆଣ୍ଟେନାକୁ ଯଦି ସମ୍ଭବ ହୁଏ ଓହ୍ଲେଇ ଆଣନ୍ତୁ । ପାଣିଟାଙ୍କି ଥିଲେ ସେଥିରେ ଘୋଡ଼ଣିକୁ ଭଲଭାବରେ ବାନ୍ଧିଦିଅନ୍ତୁ କିମ୍ବା ତା'ଉପରେ ଓଜନଦାର ଜିନିଷ / ବାଲି ବସ୍ତା ରଖିଦିଅନ୍ତୁ । ଯଦି ଆପଣଙ୍କ ଘରର କୌଣସି ଛାତ ଟିଣ କିମ୍ବା ପ୍ଲାଷ୍ଟିକ୍ ପଟିରେ ହୋଇଥାଏ ତେବେ ତାହା ଉପରେ ଭାରି ବାଲିବସ୍ତା ରଖିଦେଲେ ତାହା ଉଡ଼ିବ ନାହିଁ । ଯାନବାହାନ ଗୁଡ଼ିକୁ ଯଥାସମ୍ଭବ ଆଶ୍ରୟଦେଇ ରଖନ୍ତୁ । ପବନର ପ୍ରଭାବରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ିଯାଇ ଆପଣଙ୍କ ଯାନ ଉପରେ ପଡ଼ିଯାଇପାରେ । ଘରର ପାଚେରୀ ନିକଟରେ କୌଣସି ଜିନିଷ ରଖନ୍ତୁ ନାହିଁ, ପବନର ପ୍ରଭାବରେ ପାଚେରୀ ଭାଙ୍ଗିଯାଇପାରେ ।

## ପାଣିର ପ୍ରଭାବ

ବାତ୍ୟା ସମୟରେ ହେଉଥିବା ବର୍ଷା ବେଳେ ବେଳେ ସମାନ୍ତରାଳ ଭାବରେ ବହି ଆପଣଙ୍କ ଘର ଭିତରକୁ ଆସିପାରେ, ତେଣୁ ଝରକା, କବାଟ ଫାଙ୍କରେ କନାବଣ୍ଡା କିମ୍ବା ଜରିଦେଇ ଭଲରେ ବନ୍ଦ କରିଦିଅନ୍ତୁ । ଘର ଭିତରକୁ ଖୋଲାଥିବା ଭେଣ୍ଟିଲେଟର ମାନଙ୍କରେ ମଲାଟ କାଗଜ, ଜରି ଓ ଇଟା ଆଦିଦେଇ ବନ୍ଦ କରିଦିଅନ୍ତୁ । ବିଛଣାମାନଙ୍କର ତଳେ ଥିବା




ପଦାର୍ଥମାନଙ୍କୁ ଉପରକୁ ଟେକଦଅନ୍ତୁ, ଯେପର ପାଣି ଆସିଲେ ମଧ ସେ ସବୁ ବତୁର ନଯାଏ । ବାତ୍ୟା ସରଯିବାପରେ ମଧ ବର୍ଷା ଅନେକ ଘଣ୍ଟାରୁ ଆରମ୍ଭ କର ଅନେକ ଦନ ପର୍ଯ୍ୟନ୍ତ ହୋଇପାରେ । ଏବଂ ଏହାର ପ୍ରଭାବରେ ବନ୍ୟାପର ପରସ୍ଥିତ ସୃଷ୍ଟିହୋଇପାରେ । ଏହ ସମୟରେ ସରସୃପମାନେ ଘର ଭତରେ ପ୍ରବେଶ କରବା ଭୟ ରହପାରେ, ତେଣୁ ଯଥା ସମ୍ଭବ ଘରର ଦ୍ୱାର ସବୁ ବନ୍ଦ ରଖନ୍ତୁ । ଅନେକ ଦନ ପାଣି ଜମା ହୋଇ ରହବା ଫଳରେ ମଶାମାଛ ଉପଦ୍ରବ ଦେଖାଦେଇପାରେ, ତେଣୁ ପୂର୍ବରୁ ହିଁ ସତର୍କ ରୁହନ୍ତୁ ।

## ବଦ୍ୟୁତର ପ୍ରଭାବ

ବାତ୍ୟାପରେ ବଦ୍ୟୁତ ସରବରାହ ନଶ୍ଚୟ ଭାବରେ ବାଧାପ୍ରାପ୍ତ ହୋଇପାରେ, ତେଣୁ ଆନୁସଙ୍ଗିକ ବ୍ୟବସ୍ଥା କର ରଖିବା ଦାୟିତ୍ୱ ଆପଣଙ୍କର । ଘରେ ଡିବର ବତୀ, ମହମବତୀ କମ୍ବା ରଚାର୍ଜେବଲ୍ ଲାଇଟ୍ ରଖିଥିଲେ ଭଲ । ଅନେକ ଦନ ପର୍ଯ୍ୟନ୍ତ ବଦ୍ୟୁତ ସରବରାହ ବନ୍ଦ ହେବାଫଳରେ ଜୀବନଯାପନ ଅସହ୍ୟ ଲାଗିପାରେ ତେଣୁ ମୋବାଇଲକୁ ପୁରା ଚାର୍ଜ କର ରଖିବା ଉଚତ । ଘରେ ଟିଭି ଆଉ କମ୍ପ୍ୟୁଟର ଚାଲବ ନାହିଁ, ତେଣୁ କ୍ୟାରମ୍, ତାସ୍, ଲୁଡ଼ୋ ଆଦ ଖେଳ ସାମଗ୍ରୀ ସଞ୍ଚୟ କର ରଖିବା ଭଲ ।

## ଖାଦ୍ୟପେୟ ବ୍ୟବସ୍ଥା

ବାତ୍ୟା ପରେ ମଧ ଜୀବନ ଚାଲୁ ରହବ ଏବଂ ବଞ୍ଚିବାପାଇଁ ଖାଦ୍ୟର ଆବଶ୍ୟକତା ନଶ୍ଚୟ ରହଛ । ତେଣୁ ମୁଖ୍ୟତଃ ଶୁଖିଲା ଖାଦ୍ୟ, ଆଳୁ, ପିଆଜ, ଚୁଡ଼ା, ଚନା, ଗୁଡ଼, ପନପରବା ଆଦ ଆଣି ନଜ ଘରେ ସଂଗ୍ରହ କର ରଖିବା ଉଚତ । ବଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ଘରେ ଥିବା ଫ୍ରିଜ୍ କାମ ଦେବନାହିଁ, ତେଣୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ବନା ଫ୍ରିଜରେ ରହପାରବ ସେଇ ସବୁ ଜନଷ ଜମା କର ରଖନ୍ତୁ । ଶୁଖିଲା ଖାଦ୍ୟ ଯଥା ବସ୍କୁଟ୍, ମିକ୍ସଚର୍, ଦାନ୍ତକଲ, ସୁପୁଲୁ, ପାମ୍ପଡ଼, ବଡ଼ି, ଆଚାର ଇତ୍ୟାଦ ଜନଷ ଅନେକ ଦନ ପର୍ଯ୍ୟନ୍ତ ରହପାରବ । ଏହା ବ୍ୟତରେକ ଅଟା, ଚାଉଳ, ସୁଜ, ଚୁଡ଼ା ଇତ୍ୟାଦ ଜନଷ ମଧ ରଖିଥିଲେ ଭଲ । ବାତ୍ୟାପରେ ପିଇବା ପାଣିର ସଙ୍କଟ ଦେଖାଦେଇପାରେ, ତେଣୁ ଘରେ ଫିଲ୍ଟର କମ୍ବା ହାଲୋଜେନ୍ ବଟିକା ଆଣି ରଖିଲେ ଭଲ । ପାଣିକୁ ଗରମ କର ଫୁଟାଇ ତାକୁ ଛାଣି ପିଇଲେ ବ ଚଳବ ।



## ସ୍ୱାସ୍ଥ୍ୟ ସମସ୍ୟା

ବାତ୍ୟା ପରବର୍ତ୍ତୀ ସମୟରେ ବିଶେଷତଃ ଶିଶୁ ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତି ଏବଂ ବୃଦ୍ଧବୃଦ୍ଧାମାନଙ୍କୁ ଅନେକ ପ୍ରକାରର ରୋଗ ଦେଖା ଦେଇପାରେ । ଥଣ୍ଡା କାଶ, ଜ୍ୱର ଇତ୍ୟାଦି ରୋଗପାଇଁ ଆବଶ୍ୟକୀୟ ଔଷଧ ଘରେ ରଖିଥିଲେ ଭଲ । ମୁଣ୍ଡବ୍ୟଥା, ଦେହହାତ ବ୍ୟଥା ପାଇଁ ବ୍ୟଥାନିବାରଣ କରୁଥିବା ଔଷଧ ବି ଆପଣ ରଖିଥିବେ । ପେଟ ରୋଗ ଯଥା ଆମାଶୟ (ଡାଇରିଆ), କଲେରା ଇତ୍ୟାଦି ମଧ୍ୟ ପାଣିରେ ସଂକ୍ରମଣ ଯୋଗୁଁ ଦେଖା ଦେଇପାରେ । ସେହି ସବୁ ରୋଗପାଇଁ ଘରୋଇ ଚିକିତ୍ସା ସମେତ କିଛି କିଛି ଔଷଧ ଘରେ ଆଣି ରଖିବା ଉଚିତ ।

ଅନେକ ସମୟରେ ଶିଶୁମାନେ ମାନସିକ ଭାବରେ ଆଘାତ ପାଇଥାନ୍ତି, ଏହିପ୍ରକାରର ଦୁର୍ବିପାକ ସେମାନଙ୍କ କୋମଳମତି ମନରେ ଆଘାତ ଦେଇପାରେ, ସେଇଥିପାଇଁ ସେମାନଙ୍କୁ ବୁଝେଇବା ଏବଂ ସାମାନ୍ୟ କରିବା ଦାୟିତ୍ୱ ଘରର ବଡ଼ମାନେ କରିବା ଉଚିତ ।

## ଯୋଗାଯୋଗ ଅବ୍ୟବସ୍ଥା

ବାତ୍ୟା ପରବର୍ତ୍ତୀ ସମୟରେ ଟେଲିଫୋନ୍ ତାର ଛିଡ଼ିଯିବା ହେତୁ ଯୋଗାଯୋଗରେ ଅସୁବିଧା ହୋଇପାରେ । ଅବଶ୍ୟ ମୋବାଇଲ୍ ଫୋନର ଯୁଗରେ ଅଧିକାଂଶ ଲୋକ ଆଉ ଟେଲିଫୋନ୍ ବ୍ୟବହାର କରୁନାହାନ୍ତି, ତଥାପି ଯେଉଁମାନେ ନିଜ ଘରେ ଟେଲିଫୋନ୍ ସାହାଯ୍ୟରେ ଇଣ୍ଟର୍ନେଟ୍ ବ୍ୟବହାର କରି ବିଦେଶରେ ରହୁଥିବା ନିଜ ପରିଜନଙ୍କ ସହ ଯୋଗାଯୋଗ କରୁଥିବେ ସେମାନେ ଅଯଥା ହଇରାଣ ହୋଇପାରନ୍ତି । ସେଇଥିପାଇଁ ମୋବାଇଲ୍ ଫୋନରେ ଇଣ୍ଟର୍ନେଟ୍ ବ୍ୟବସ୍ଥା କରିରଖନ୍ତୁ । ରାସ୍ତାଘାଟରେ ବଡ଼ ବଡ଼ ଗଛ ପଡ଼ିରହିବା ଫଳରେ ଯାନବାହାନ ଯିବାଆସିବାରେ ଅସୁବିଧା ଦେଖା ଦେଇପାରେ । ତେଣୁ ଏହି ସମୟରେ ଯଥା ସମ୍ଭବ ନିଜ ଯାତ୍ରା ଯୋଜନା ସବୁ ବନ୍ଦ କରିରଖନ୍ତୁ ।


ପିଜିଡ଼ିଏମ୍ସିଏଚ୍, ପିଜିଡ଼ିଏଚ୍ଏମ୍
ସହକାରୀ ଅଧ୍ୟାପକ-ଏବଂ-ମେଡ଼ିକାଲ୍ ଅଫିସର
ରୋଲାଣ୍ଡ ଫାର୍ମାସୀ କଲେଜ, ଗୋପାଳପୁର ଛକ, ବ୍ରହ୍ମପୁର
ଫୋନ୍ : ୯୦୪୦୯୮୫୪୬୩

ଆହ୍ୱାନର ଆଗାମୀ ସଂସ୍କରଣ ନଭେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**





ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍‌ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**